ବର୍ଷ-୨୫, ସଂଖ୍ୟା-୨୧୫
ଭୁବନେଶ୍ୱର
୧୧, ଅଗଷ୍ଟ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 215
Bhubaneswar
11, August, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat







ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ (କାଂସ୍ୟ) ଅନିମେଷ କୁଜୁର ୨୦୦ ମିଟରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ୧୩ରେ ଲଘୁଚାପ

ଭୁବନେଶ୍ୱର,୧୦।୮(ମହାଭାରତ): ଆସନ୍ତା ୧୩ ତାରିଖରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଅଗଷ୍ଟ ୧୨ରୁ ୧୪ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ତେଣୁ ଦକ୍ଷିଣ ଓଡ଼ିଶାର ୬ଟି ଜିଲ୍ଲାକୁ ଅରେଞ୍ଜ ଓ ଅନ୍ୟ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୧୨ ଓ ୧୪ ତାରିଖ ମଧ୍ୟରେ କନ୍ଧମାଳ, ରାୟଗଡ଼ା, କୋରାପୁଟ, ଗଜପତି, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ଏହି ସମୟ ମଧ୍ୟରେ ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ନୂଆପଡ଼ା ଜିଲ୍ଲାର କେତେକ ସ୍ଥାନରେ ୩୦ରୁ ୪୦ କିମି ବେଗରେ ପବନ ସହ ବଜ୍ରପାତ ଓ ପ୍ରବଳ ବର୍ଷା ହୋଇପାରେ ଉପକୂଳ ଓଡ଼ିଶା ଓ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ମଧ୍ୟ ହାଲୁକା ବର୍ଷା ଲାଗିରହିବ। ସମ୍ଭାବ୍ୟ ଲଘୁଚାପକୁ ନଜରରେ ରଖି ୧୩ ଓ ୧୪ ତାରିଖରେ ଦକ୍ଷିଣ ଓଡ଼ିଶା ଉପକୂଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୧୩ରେ ଲଘୁଚାପ ହେଲେ ମଧ୍ୟ ରାଜ୍ୟରେ ନିଅଣ୍ଟିଆ। ବର୍ଷା ଲାଗିରହିବ।

## ନିବେଶକ, ପରାମର୍ଶଦାତା ଏବଂ ଉଦ୍ୟୋଗୀମାନଙ୍କୁ ଆମନ୍ତ୍ରଣ

ଭୁବନେଶ୍ୱର,୧୦।୮(**ମହାଭାରତ**): ଉଦ୍ୟୋଗ, ନବସୃଜନ ଏବଂ ଉତ୍ପାଦନ ଦ୍ୱାରା ଓଡ଼ିଶା ଏହାର ଅଭିବୃଦ୍ଧିର ଇଞ୍ଜିନର ଦ୍ରୁତ ଅଗ୍ରଗତି ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଟାଇକନ୍ ଭୁବନେଶ୍ୱର ୨୦୨୫ - ଏ ସମ୍ମିଟ୍ ଅନ ଏଣ୍ଟ୍ରିପ୍ରିନିୟରସିପ୍ ଆଣ୍ଡ ଏଆଇ ଶିଖର ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଏହା କହିଛନ୍ତି। ନିବେଶକମାନଙ୍କୁ ଓଡ଼ିଶା ସହିତ ସହଭାଗୀ ହେବାକୁ ଆହ୍ୱାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଠାରେ ଉପସ୍ଥିତ ପ୍ରତ୍ୟେକ ନିବେଶକ, ପରାମର୍ଶଦାତା ଏବଂ ଉଦ୍ୟୋଗୀଙ୍କୁ ନିବେଶ, ନବସୃଜନ ଏବଂ ଆମ ସହିତ ବୃଦ୍ଧି କରିବାକୁ ଆମନ୍ତ୍ରଣ କରୁଛୁ।

ଭୁବନେଶ୍ୱରର ମେଫେୟାର କନଭେନସନ ସେଣ୍ଟରରେ ଏକ ଦୁଇ ଦିନିଆ କାର୍ଯ୍ୟକ୍ରମ ଟାଇ ଗ୍ଲୋବାଲ୍ ସହ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଶିଳ୍ପ ବିଭାଗ, ଓକାକ, ଇପିକଲ ଏବଂ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଆଜି ସମାପନୀ ଉତ୍ସବରେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

ଉଦ୍‌ବୋଧନ ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ପ୍ରଗତିଶୀଳ ନୀତି, ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ସହଭାଗୀତା ମନୋଭାବ ସହିତ, ରାଜ୍ୟ ଏକ ଇକୋସିଷ୍ଟମ ନିର୍ମାଣ କରୁଛି ଯେଉଁଠାରେ ବିଶ୍ୱସ୍ତରୀୟ ବିଶେଷଜ୍ଞ ସ୍ଥାନୀୟ ପ୍ରତିଭାକୁ ଭେଟି ଏକ ବିକଶିତ ଓଡ଼ିଶାର ଭବିଷ୍ୟତ ଗଠନ କରିବେ। ସେ ଆହୁରି କହିଥିଲେ ଯେ ଓଡ଼ିଶା ଆଉ ଭାରତର ଅଭିବୃଦ୍ଧି କାହାଣୀର ପାର୍ଶ୍ୱରେ ନାହିଁ ଆମେ ଏହାର କେନ୍ଦ୍ରସ୍ଥଳରେ ଅଛୁ ଏବଂ ଏକ ନବସୃଜନ କେନ୍ଦ୍ର ଭାବରେ ଉଭା ହେଉଛୁ। ଆମେ ଆମର ଯୁବପିଢ଼ିଙ୍କୁ ଏଆଇ, ସାଇବର-ସୁରକ୍ଷା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଭବିଷ୍ୟତ ପାଇଁ ପ୍ରସ୍ତୁତ କ୍ଷମତା ସହିତ ସଜ୍ଜିତ କରୁଛୁ। ସେ ଆହୁରି କହିଛନ୍ତି ଯେ ଆମର ପ୍ରୟାସ ହେଉଛି ଏହି ଅଭିବୃଦ୍ଧିକୁ ଭୁବନେଶ୍ୱର ବାହାରେ କଟକ, ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ସହରଗୁଡ଼ିକୁ ନେବା, ଯାହାକୁ ଡିଜିଟାଲ୍ ହବ୍‌ର ପରବର୍ତ୍ତୀ ଲହରୀ ଭାବରେ ବିକଶିତ କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଦୃଷ୍ଟିକୋଣ କେବଳ ଅଭିବୃଦ୍ଧି ନୁହେଁ, ଏହା ନିଯୁକ୍ତି ସୃଷ୍ଟି କରିବା, ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ସାମାଜିକ ନ୍ୟାୟକୁ ଆଗକୁ ବଢାଇବା। ନିବେଶକ ଏବଂ ଉଦ୍ୟୋଗୀମାନଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆପଣମାନେ ଆମ ସହିତ ଏଠାରେ ପହଞ୍ଚିବା ପରେ, ଆପଣ ନିଶ୍ଚିତ ଭାବରେ ଅନୁଭବ କରିବେ ଯେ ଓଡ଼ିଶା ଆପଣଙ୍କର ଦ୍ୱିତୀୟ ଘର। ଆପଣ ଏଠାରେ ନିଜରତାର ଭାବନା ପାଇବେ। ଏକାଠି, ଆମେ ଓଡ଼ିଶାକୁ ପୂର୍ବ ଭାରତର ଉଦ୍ୟୋଗୀ ରାଜଧାନୀ କରିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ସାଂସଦ ରବିନ୍ଦ୍ର ବେହେରା, ରାଜ୍ୟସଭା ସାଂସଦ ସୁଜିତ କୁମାର, ଶିଳ୍ପ ବିଭାଗ ଓ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଇ ଆଣ୍ଡ ଆଇଟି ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ, ବିଭିନ୍ନ ଶିଳ୍ପର ବରିଷ୍ଠ ନେତୃବୃନ୍ଦ ଏବଂ ଇ ଆଣ୍ଡ ଆଇଟି ଇକୋସିଷ୍ଟମର ପ୍ରମୁଖ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସମୁଦ୍ରରେ ୩ ଜଣଙ୍କ ସଲିଳସମାଧି

ଗୋପ,୧୦।୮(ମହାଭାରତ): ପୁରୀଜିଲ୍ଲା ଚନ୍ଦ୍ରଭାଗା ବେଳାଭୂମି ନିକଟରେ ଆଜି ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଚନ୍ଦ୍ରଭାଗା ଓ ଇକୋରିଟ୍ରିଟ୍ ମଝିରେ ସମୁଦ୍ରରେ ଗାଧୋଉଥିବା ବେଳେ ୩ଜଣଙ୍କର ମୃତ୍ୟୁ ଘଟିଛି।ମୃତକମାନେ ହେଲେ ଭୁବନେଶ୍ୱର ଉପକଣ୍ଠ ପାହାଳର ପିଣ୍ଟୁ ପଟ୍ଟନାୟକ, ରାହୁଲ କୁମାର ଓ କୋଣାର୍କ ଜମାଦଳାର ଅରୂପାନନ୍ଦ ଜେନା।

ଚନ୍ଦ୍ରଭାଗାରୁ ରାମଚଣ୍ଡୀ ରାସ୍ତାରେ ସମୁଦ୍ରର ଇକୋରିଟ୍ରିଟ୍ ନିକଟରେ ଆଜି ଅପରାହ୍ନରେ ପିଣ୍ଟୁ, ରାହୁଲ ଓ ଅରୂପାନନ୍ଦ ଗାଧୋଉଥିଲେ। ତେବେ ଅସାବଧାନତା ଯୋଗୁଁ ସେମାନେ ବୁଡ଼ିଯାଇଥିଲେ। ତଟରକ୍ଷୀ ବାହିନୀଙ୍କ ଦ୍ୱାରା ସେମାନଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇଥିଲା। ଗୁରୁତରମାନଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏଠାରେ ଦୁଇ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଜଣଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ମଧ୍ୟ ଗୁରୁତରଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ଜଣାପଡ଼ିଛି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି ପୋଷ୍ଟମର୍ଟମ ପାଇଁ ପଠାଇଥିବା ବେଳେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

## ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/କୋରାପୁଟ,୧୦।୮(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ ଠାରେ ୨୮୦ କୋଟି ଟଙ୍କା ବ୍ୟୟରେ ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟର ଉଦଘାଟନ କରିଛନ୍ତି ଏବଂ ଏହି ଅବସରରେ ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ କରିଡୋର ୬ ଲେନ ବିଶିଷ୍ଟ ରାସ୍ତା ଖୁବ ଶୀଘ୍ର ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।ଏଥି ସହିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଆବଶ୍ୟକ ଥିବା ସମସ୍ତ ଖାଲି ପଡ଼ିଥିବା ସ୍ୱାସ୍ଥ୍ୟ ସେବା ପଦବୀ ପୂରଣ ହେବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେଯେ ସ୍ୱାସ୍ଥ୍ୟ ସେବା ପାଇଁ କୋରାପୁଟବାସୀଙ୍କୁ ଯେପରି ଆଉ ଦୂର ଦୁରାନ୍ତ ସହରକୁ ଯାଇ ହଇରାଣ ହରକତ ହେବାକୁ ନପଡେ ସେଥିପାଇଁ ଆମ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି । ଏହି ମେଡିକାଲ କଲେଜ ହସ୍ପିସଟାଲ ଦ୍ୱାରା କୋରାପୁଟ ସମେତ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲ୍ଲା ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ଲୋକମାନେ ମଧ୍ୟ ଉପକୃତ ହେବେ। ଏହି ନୂଆ ହସ୍ପିଟାଲରେ ଆପଣମାନେ ସବୁପ୍ରକାରର ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ।

ସେ କହିଥିଲେଯେ ବିକାଶ ସହିତ ଦୁର୍ନୀତିମୁକ୍ତ ଶାସନ ଦେବା ଆମର କର୍ତ୍ତବ୍ୟ । ଆମ ସରକାର ଆସିବା ପରେ ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁଣାତ୍ମକମାନ ବୃଦ୍ଧି କରିବା ଉପରେ ପ୍ରାଥମିକତା ଦେଉଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବର୍ଷ ବର୍ଷ ଧରି ଖାଲି ପଡିଥିବା ପଦବୀ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯାଉଛି । ରାଜ୍ୟରେ ବର୍ତ୍ତମାନ ୧୨ ଟି ସରକାରୀ ମେଡିକାଲ କଲେଜ ଅଛି । ଖୁବ୍‌ଶୀରଘ୍ର ଆଉ ୪ଟି ଜିଲ୍ଲା ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ହେବ ।

ଏହି ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ ରୋଗୀମାନଙ୍କ ପାଇଁ ବହୁବିଧ ଚିକିତ୍ସା ସୁବିଧା କରାଯାଉଛି । ସି.ଟି ସ୍କାନ୍, ଡାଏଲିସିସ୍, ମାମୋଗ୍ରାଫି ପରି ଅତ୍ୟାଧୁନିକ ରୋଗ ନିରୂପଣ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା ମଧ୍ୟ କରାଯାଉଛି । ଗୁରୁତର ରୋଗୀମାନଙ୍କ ପାଇଁ ଯେପରି ଅକ୍ସିଜେନର ଅଭାବ ନହେବ ସେଥିନିମନ୍ତେ ସ୍ୱତନ୍ତ୍ର ଅକ୍ସିଜେନ୍



ପ୍ଲାଂଟ ବସାଯାଉଛି । ଏହି ହସ୍ପିକଟାଲ ସଂଲଗ୍ନ ୨ ଏକର ପରିମିତ ଜାଗାରେ କ୍ୟାନ୍ସର ଚିକିତ୍ସା ହସ୍ପିସଟାଲ ମଧ୍ୟ ନିର୍ମାଣ କରାଯାଉଛି । ଏଥିପାଇଁ ଆମ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି ବୋଲି ସେ କହିଥିଲେ।

ଆମ ସରକାର ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ କରିଛନ୍ତି ।ବର୍ତ୍ତମାନ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ଆମ ରାଜ୍ୟର ୩ କୋଟି ୪୬ ଲକ୍ଷ ଅର୍ଥାତ୍ ୮୦ ପ୍ରତିଶତ ଲୋକ ଉପକୃତ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ଯୋଜନାରେ ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀମାନଙ୍କ ପାଇଁ ୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି । ସେହିଭଳି ଧନୀ, ଗରିବ ନିର୍ବିଶେଷରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ୮୬୪୪ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ନିରନ୍ତର ବିକାଶ ଧାରାରେ ଆଜି କୋରାପୁଟ ଜିଲ୍ଲା ମଧ୍ୟ ସାମିଲ ହୋଇଛି । ବର୍ତ୍ତମାନ ରାଜ୍ୟର ଜନସାଧାରଣଙ୍କ ସହିତ ଆମ କୋରାପୁଟବାସୀ ମଧ୍ୟ ଦେଶର ବଡ଼ ବଡ଼ ସହରରେ ଥିବା ପ୍ରାୟ ୨୯ ହଜାରରୁ ଉର୍ଦ୍ଧ୍ୱ ତାଲିକାଭୁକ୍ତ ଘରୋଇ ହସ୍ପିହଟାଲରେ ମାଗଣା ସ୍ୱାସ୍ଥ୍ୟସେବା ପାଉଛନ୍ତି । ପ୍ରତି ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇଛି । କୋରାପୁଟ ଜିଲ୍ଲାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ଏପର୍ଯ୍ୟନ୍ତ ୩ ଲକ୍ଷ ୫୪୭ ଟି କାର୍ଡ ବଂଟନ କରାଯାଇଛି । ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଅଧୀନରେ ୯ ହଜାର ୬ ଜଣ ହିତାଧିକାରୀ ମାନେ ଏପର୍ଯ୍ୟନ୍ତ ପଂଜୀକୃତ ହୋଇଛନ୍ତି ।କୋରାପୁଟ ଜିଲ୍ଲାରେ ବର୍ତ୍ତମାନ ୪ଟି ବେସରକାରୀ ହସ୍ପିଟାଲ୍‌କୁ ଏବି ପିଏମଜେଏୱାଇ-ଜିଜେଏୱାଇ ଅନ୍ତର୍ଗତ ଅନୁମୋଦନ ମିଳିଛି, ଯେଉଁଠି ଲୋକେ କ୍ୟାଶଲେସ୍ ଚିକିତ୍ସା ସୁବିଧା ପାଉଛନ୍ତି । ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ମାତ୍ର ଏକ ବର୍ଷର ସରକାରରେ ଅନେକ କିଛି କାର୍ଯ୍ୟ ହୋଇଛି ସବୁ କ୍ଷେତ୍ରରେ । ଏହି କାର୍ଯ୍ୟ ଆହୁରି ଅଧିକ ଗତିରେ ତ୍ୱରାନ୍ୱିତ ହେବ । ଆମ ସରକାର ହେଉଛି ଲୋକଙ୍କ ସରକାର । ୨୦୩୬ ମସିହାରେ ସମୃଦ୍ଧ ଓଡ଼ିଶା ଗଠନ ସହ ୨୦୪୭ ମସିହା ବେଳକୁ ବିକଶିତ ଭାରତ ଗଠନରେ ଓଡ଼ିଶାକୁ ଅଗ୍ରଣୀ ସ୍ଥାନରେ ପହଂଚାଇବା ପାଇଁ ଆମ ସରକାର ଅହରହ ପ୍ରଚେଷ୍ଟା ଜାରି ରଖିଛନ୍ତି ।ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ଶିଳ୍ପ, ନୂଆ ରୋଜଗାର ସୁବିଧା ସୃଷ୍ଟି, ନିରନ୍ତର ଆର୍ଥିକ ବିକାଶ ଆଦି କ୍ଷେତ୍ରରେ ସାରା ଓଡ଼ିଶାରେ ନୂଆ ଯୁଗର ଆରମ୍ଭ ହୋଇଛି । ଏ ସବୁଥିରେ କୋରାପୁଟ ଜିଲ୍ଲାକୁ ସାମିଲ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ଅବସରରେ ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେଯେ, କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେଉଛି । ଆଜିର ଏହି ଶୁଭ ଅବସରରେ ୨୮୦ କୋଟି ଟଙ୍କା ବ୍ୟୟରେ ୬୫୦ ଶଯ୍ୟା ବିଶିଷ୍ଟ ନୂଆ ହସ୍ପି ଟାଲ ଉଦ୍ଘାସଟନ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ପାଇଁ ଏକ ଅନନ୍ୟ ପ୍ରାରମ୍ଭ। ସମସ୍ତ ସ୍ୱାସ୍ଥ୍ୟସେବା କେନ୍ଦ୍ର, ସରକାରୀ ଡାକ୍ତରଖାନା, ମେଡ଼ିକାଲ୍ କଲେଜ ଏବଂ ହସ୍ପିଟାଲ ଆଦିରେ ନୂଆ ଭିତ୍ତିଭୂମି ସହ ରୋଗୀ-କୈନ୍ଦ୍ରିକ ସେବା ବ୍ୟବସ୍ଥା ସୃଷ୍ଟି କରାଯାଉଛି । ହସ୍ପି ଟାଲଗୁଡ଼ିକର ନବୀକରଣ କରାଯାଉଛି । ଏ ସବୁ ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ। ଏହି ପଦକ୍ଷେପ ଫଳରେ ରାଜ୍ୟର ସବୁ ଆଂଚଳର ବିକାଶ ସନ୍ତୁଳିତ ଭାବେ ହୋଇ ପାରିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ।

## ସାଂସଦଙ୍କ ପାଇଁ ନବନିର୍ମିତ ଫ୍ଲାଟ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୦।୮(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀର ବାବା ଖରକ ସିଂହ ମାର୍ଗରେ ସାଂସଦ ମାନଙ୍କ ପାଇଁ ୧୮୪ଟି ନବନିର୍ମିତ ଟାଇପ୍-୭ ବହୁତଳ ଫ୍ଲାଟ୍ ଉଦଘାଟନ କରିବେ। ଏହି ଅବସରରେ, ପ୍ରଧାନମନ୍ତ୍ରୀ ଆବାସିକ ପରିସରରେ ଏକ ସିନ୍ଦୁର ଗଛ ରୋପଣ କରିବେ ଶ୍ରମଜୀବୀମାନଙ୍କ ସହ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆଲୋଚନା କରିବେ । ଏଥିସହିତ ପ୍ରଧାନମନ୍ତ୍ରୀ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ।

ଏହି କମ୍ପ୍ଲେକ୍ସକୁ ସ୍ୱୟଂପରିପୂର୍ଣ୍ଣ ହେବା ପାଇଁ ଡିଜାଇନ୍ କରାଯାଇଛି ଏବଂ ଏଥିସହିତ ସଂସଦର ସଦସ୍ୟଙ୍କ କାର୍ଯ୍ୟକାରୀ ଆବଶ୍ୟକତାକୁ ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ଆଧୁନିକ ସୁବିଧା ସହ ଏହା ସଜ୍ଜିତ ସବୁଜ ପ୍ରଯୁକ୍ତି ଆଧାରରେ ପ୍ରକଳ୍ପଟି ଗୃହଣୀ-ତାରକା ରେଟିଂର ମାନଦଣ୍ଡ ପାଳନ କରୁଛି ଏବଂ ଜାତୀୟ ଭବନ ସଂହିତା (ଏନ୍‌ବିସି) ୨୦୧୬ ସହିତ ମଧ୍ୟ ସମନ୍ୱୟ ରକ୍ଷା କରୁଛି ।ଏହି ପରିବେଶଗତ ସ୍ଥାୟୀ ବୈଶିଷ୍ଟ୍ୟଗୁଡ଼ିକ ଶକ୍ତି ସଂରକ୍ଷଣ, ନବୀକରଣୀୟ ଶକ୍ତି ଉତ୍ପାଦନ ଏବଂ ପ୍ରଭାବଶାଳୀ ବର୍ଜ୍ୟ ପରିଚାଳନାରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି।

### ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମାହୂତି ମାମଲା

## ଧରା ପକାଇଦେଲା ମୋବାଇଲ୍

ପଟ୍ଟାମୁଣ୍ଡାଇ,୧୦।୮(ମହାଭାରତ): ପଟ୍ଟାମୁଣ୍ଡାଇ ବ୍ଲକ୍ କାଠିଆପଡ଼ା ଗ୍ରାମର କଲେଜ ଛାତ୍ରୀ ସଙ୍ଗୀତାଙ୍କ ମୃତ୍ୟୁ ଘଟଣାରେ ପୁରୁଷବନ୍ଧୁ ପ୍ରମୋଦ ବେହେରାଙ୍କୁ ବାନ୍ଧିଛି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୁଲିସ। ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ପୀଡ଼ିତା ବାପାଙ୍କ ଏତଲା ଆଧାରରେ ମାମଲା ରୁଜୁ କରିଥିଲା। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୁଲିସ ପୁରୁଷ ବନ୍ଧୁ ପ୍ରମୋଦ ବେହେରାଙ୍କ ଉପରେ କେଶ ନମ୍ବର ୨୮୪/୨୫ ରେ ମାମଲା ରୁଜୁକରି ଦଫା ୨୯୬(ଗାଳିଦେବା) ୭୫ ଯୌନ ନିର୍ଯାତନା, ୭୮(ପିଛା କରିବା)୧୦୮(ମୃତ୍ୟୁ ପାଇଁ ପ୍ରବର୍ତ୍ତାଇବା), ୬୬ ଇ, ୬୭ଏ ପରି ସଂଗୀନ ଦଫା ରୁଜୁ କରିଛି। ଆବଶ୍ୟକ ତଦନ୍ତ ଓ ପ୍ରମାଣ ଆଧାରରେ ପୋଲିସ ଅଭିଯୁକ୍ତ ପ୍ରମୋଦ ବେହେରାଙ୍କୁ ଗିରଫ କରି ଆଜି ପଟ୍ଟାମୁଣ୍ଡାଇ କୋର୍ଟ ଚାଲାଣ କରିଛି। ପଟ୍ଟାମୁଣ୍ଡାଇ କୋର୍ଟ ଅଭିଯୁକ୍ତର ଜାମିନ ନାମଞ୍ଜୁର କରିବା ପରେ ତାକୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପରିବାର ଓ ଗ୍ରାମବାସୀଙ୍କ ଥାନା ସମ୍ମୁଖରେ ଧାରଣା ଦେବା ପାଲଟା ଅଭିଯୋଗ କରିଛନ୍ତି।



କେନ୍ଦ୍ରାପଡ଼ା ଏସ୍‌ପି ଏସପି ସିର୍ଦ୍ଧାର୍ଥ କଟାରିଆ କହିଛନ୍ତି, ପ୍ରାଥମିକ ପ୍ରମାଣ ଆଧାରରେ ଅଭିଯୁକ୍ତ ପ୍ରମୋଦ ବେହେରାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ପ୍ରମୋଦ ମୋବାଇଲରେ ୬୦ ଅଶ୍ଳୀଳ ଭିଡିଓ ଥିବାର ପ୍ରମାଣ ମିଳିଛି। ଜୁଲାଇ ୧୭ରେ ପୀଡ଼ିତାଙ୍କ ବାପାଙ୍କ ପାଖକୁ ଗୋଟିଏ ଅଶ୍ଳୀଳ ଭିଡିଓ ପଠାଇଥିଲା ଅଭିଯୁକ୍ତ। ସେହି ସମାନ ଦିନ ଆଉ ୪ରୁ ୫ ଜଣଙ୍କ ପାଖକୁ ମଧ୍ୟ ଭିଡଓ ପଠାଇଥିଲା ଅଭିଯୁକ୍ତ। ସେହିପରି ଘଟଣାର ପୂର୍ବଦିନ ଅର୍ଥାତ ଅଗଷ୍ଟ ୫ ତାରିଖ ଦିନ ମଧ୍ୟ ଉଭୟଙ୍କ ମଧ୍ୟରେ ଫୋନ୍ ଯୋଗେ ଯୋଗାଯୋଗ ହୋଇଥିବାର ପ୍ରମାଣ ମିଳିଛି । ଘଟଣା ଦିନ ସକାଳ ୭ଟା ୩୪ରେ ଛାତ୍ରୀଙ୍କ ମୋବାଇଲ୍‌ରେ କଲ୍ କରିଥିଲା। ମୃତ୍ୟୁର ପୂର୍ବଦିନ ଛାତ୍ରୀଙ୍କୁ ପ୍ରମୋଦ ୬ଥର କଲ ଓ ମେସେଜ କରିଥିଲା। ଅମେ ଅଭିଯୁକ୍ତ ଓ ପୀଡ଼ିତା ବାପାଙ୍କ ମୋବାଇଲ୍ ସିଜ୍ କରି ସାରିଛୁ। ବର୍ତ୍ତମାନ ସୁଦ୍ଧା କେବଳ ଅଭିଯୁକ୍ତ ପ୍ରମୋଦ ତଦନ୍ତ ପରିସରଭୁକ୍ତ ଅଛନ୍ତି। ଅଭିଯୁକ୍ତ ପ୍ରମୋଦ ନାଁରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଦଫା ଲାଗିଛି। ଏସଏଫଏସ୍‌ଏଲ, ଏଫ୍‌ଏନ୍‌ଟି, ପୋଷ୍ଟମର୍ଟମ ରିପୋର୍ଟ ଆସିଲା ପରେ ସବୁ ସ୍ପଷ୍ଟ ହେବ। ସିସିଟିଭି ଫୁଟେଜରେ ପୀଡ଼ିତାଙ୍କ ବାପା, ମାଙ୍କ ଯିବା ଆସିବା ଦୃଶ୍ୟ ମିଳିଛି। ଅଭିଯୁକ୍ତ ପ୍ରମୋଦଙ୍କ ବାପାଙ୍କ ଏତଲାକୁ ନେଇ ମଧ୍ୟ ତଦନ୍ତ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତ। ପ୍ରମୋଦଙ୍କ ମୋବାଇଲ ଫୋନ୍ ହିଁ ତାଙ୍କୁ ଧରାପକାଇ ଦେଇଛି । ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ସୁଟ୍ କରିଥିଲେ ପ୍ରମୋଦ। ପରେ ସେହି ଭିଡିଓକୁ ଭାଇରାଲ୍ ମଧ୍ୟ କରିଥିଲେ। ପରିବାର ସହମତି ବିନା ଛାତ୍ରୀଙ୍କୁ ବିବାହ କରିବା ପାଇଁ ଜିଦ୍ ଧରି ବିଫଳ ହେବା ପରେ ଛାତ୍ରୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ୍ କରିଥିଲେ ପ୍ରମୋଦ। ଏମିତିକି ଜୁଲାଇ ୧୭ ତାରିଖରେ ଛାତ୍ରୀଙ୍କ ବାପାଙ୍କ ମୋବାଇଲକୁ ମଧ୍ୟ ସେ ଏକ ଅଶ୍ଳୀଳ ଭିଡିଓ ପଠାଇଥିଲେ। ପୁର୍ବରୁ ଗତ ୬ ତାରିଖରେ ପୀଡ଼ିତାଙ୍କ ମୃତ୍ୟୁ ପାଇଁ ଯେଉଁ ଏତଲା ଦିଆଯାଇ ଥିଲା ସେଥିରେ କାହା ନାମ ଉଲ୍ଲେଖ ନଥିଲା।

ଅପରପକ୍ଷରେ ପ୍ରମୋଦଙ୍କ ଗିରଫ ଘଟଣାରେ ତାର ପରିବାର ଓ ଗ୍ରାମବାସୀ ଉତକ୍ଷିପ୍ତ ହୋଇପଡିଛନ୍ତି। ପ୍ରମୋଦଙ୍କ ପିତା ଗଣେଶ୍ୱର ବେହେରା, ମାତା ଶାନ୍ତିଲତା ବେହେରା ତାଙ୍କ ପୁଅ ନିରୀହ ଓ ନିର୍ଦ୍ଦୋଷ ତାକୁ ମୃତା ଛାତ୍ରୀଙ୍କ ପରିବାର ଲୋକମାନେ ମିଥ୍ୟା ମାମଲାରେ ଫସାଇ ଦେଇଛନ୍ତି । ମୃତା ଛାତ୍ରୀଙ୍କ ବାପା ମା ଝିଅକୁ ବାଡେଇ ମାରି ଦେଇଛନ୍ତି ବୋଲି ଅଭିଯୋଗ କରି ତାଙ୍କ ବିରୋଧରେ ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରି ମୃତା ଛାତ୍ରୀଙ୍କ ପ୍ରେମିକ କୁହାଯାଉଥିବା ବିଲିକଣା ପଂଚାୟତ ତେରୋହୀ ଗ୍ରାମର ପ୍ରମୋଦ ବେହେରାଙ୍କ ପିତା ଗଣେଶ୍ୱର ବେହେରା ଆଜି ଗ୍ରାମାଞ୍ଚଳ ଥାନାରେ ଲିଖିତ ଏତଲା ଦେଇଥିଲେ।



## ମାଟି ହାଣ୍ଡି କଙ୍କଡ଼ା



**ଆବଶ୍ୟକ ସାମଗ୍ରୀ :** ଟମାଟୋ ପେଷ୍ଟ, ତେଜପତ୍ର, ଫୁଟଣ, କଙ୍କଡ଼ା, ପିଆଜ ବଟା, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ପିଆଜ, ଲୁଣ, ଗରମ ମସଲା, ଜିରା ଗୁଣ୍ଡ, ଅଦା-ରସୁଣ ପେଷ୍ଟ, ତେଲ

**ପ୍ରସ୍ତୁତି ପ୍ରଣାଳୀ :** କଙ୍କଡ଼ାକୁ ସଫା କରିବା ପରେ ଏଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଅଳ୍ପ ଲୁଣ, ଅଦା-ରସୁଣ ବଟା ଓ ପିଆଜ ବଟା ପକାଇ ଗୋଳାଇ ଦିଅନ୍ତୁ। ଏବେ ମାଟି ହାଣ୍ଡିରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଫୁଟଣ, ତେଜପତ୍ର, କଟା ପିଆଜ ଏବଂ ସ୍ୱାଦ ଅନୁସାରେ ଆଉ ଟିକେ ଲୁଣ ପକାଇ ଗୋଳାନ୍ତୁ। ପିଆଜ ଭାଜି ହୋଇଯିବା ପରେ ସେଥିରେ ଅଳ୍ପ ପିଆଜ ବଟା, ଅଦା-ରସୁଣ ବଟା, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଏବଂ ଜିରା ଗୁଣ୍ଡ ପକାନ୍ତୁ ଓ କଷନ୍ତୁ। ମସଲା ଭଲ ଭାବେ କଷି ହୋଇଯିବା ପରେ ପୂର୍ବରୁ ମସଲା ଗୋଳାଇ ରଖିଥିବା କଙ୍କଡ଼ାକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ ଓ କଷନ୍ତୁ। କଙ୍କଡ଼ା ଭଲ ଭାବେ କଷି ହୋଇଗଲେ ସେଥିରେ ଟମାଟୋ ପେଷ୍ଟ୍ ଓ ପାଣି ଦେଇ ଫୁଟାନ୍ତୁ। କିଛି ସମୟ ଫୁଟିବା ପରେ ସେଥିରେ ଗରମ ମସଲା ପକାନ୍ତୁ ଓ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କ ମାଟି ହାଣ୍ଡି କଙ୍କଡ଼ା।

ଖବର

# ରେକର୍ଡ କଲା 'ମହାବତାର ନରସିଂହ'



'ସେୟାରା' ଝଡ଼କୁ ଥମାଇ ଦେଲା ଆନିମେଟେଡ୍ ଫିଲ୍ମ 'ମହାବତାର ନରସିଂହ'। ରିଲିଜ୍ ପୂର୍ବରୁ ଫିଲ୍ମର କେଣସି ପ୍ରଚାର କରାଯାଇ ନଥିବା ବେଳେ ରିଲିଜ୍ ପରେ ଦର୍ଶକ ଏବେ ଏହାର ପ୍ରଚାର ଆରମ୍ଭ କରିଛନ୍ତି। ଫଳସ୍ୱରୂପ ଦିନକୁ ଦିନ ଫିଲ୍ମର ଆୟ ଓ ଲୋକପ୍ରିୟତା ବିବାରେ ଲାଗିଛି। ଦୁଇ ସପ୍ତାହ ସୁଦ୍ଧା ଏହାର ବକ୍ସ ଅଫିସ୍ ଆୟ ୧୦୦ କୋଟି ଟପିଛି।'ସେୟାରା' ଆଗରୁ ରିଲିଜ୍ ହୋଇ ନିଜର ଆଧିପତ୍ୟ ବିସ୍ତାର କରିଥିବା ବେଳେ 'ମହାବତାର ନରସିଂହ' ଜୁଲାଇ ୨୫ରେ ରିଲିଜ୍ ହୋଇଥିଲା। ତଥାପି ଫିଲ୍ମଟି ବକ୍ସ ଅଫିସରେ ନିଜର ସ୍ଥାନ ତିଆରି କରିଛି। 'ସେୟାରା' ଏବଂ 'ମହାବତାର ନରସିଂହ' ସମ୍ପୂର୍ଣ୍ଣ ଭିନ୍ନ ଧାରାର ହୋଇଥିଲେ ହେଁ ପ୍ରେକ୍ଷାଳୟରେ ୨ଟିଯାକ ଫିଲ୍ମ ଧମାଲ୍ କରୁଛନ୍ତି। ଦୁଇଟିଯାକ ଫିଲ୍ମ ଭଲ ରୋଜଗାର କରୁଛନ୍ତି। ଧାର୍ମିକ କାହାଣୀ ଆଧାରିତ ସିନେମା ହୋଇଥିବାରୁ ଲୋକେ ପାଦରୁ ଜୋତା କାଢ଼ି ପ୍ରେକ୍ଷାଳୟକୁ ଯାଉଥିବା ଦେଖିବାକୁ ମିଳୁଛି। ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଭିଡିଓରୁ ଏହା ଜଣାପଡ଼ିଛି। ଜୋତା କାଢ଼ିବା ସହ ଦର୍ଶକ ସଂକୀର୍ତ୍ତନ ମଧ୍ୟ କରୁଥିବା ଦେଖାଯାଇଛି। ଲୋକପ୍ରିୟତା ସହ ଆୟ ବଢ଼ିବା ପରେ 'ମହାବତାର ନରସିଂହ' ଏବେ ଅନ୍ୟ ସବୁ ବଡ଼ ବଜେଟ୍ ଆନିମେଟେଡ୍ ଫିଲ୍ମକୁ ପଛରେ ପକାଇ ଭାରତରେ ଅଧିକ ଆୟ କରିଥିବା ଆନିମେଟେଡ୍ ଫିଲ୍ମ ହୋଇପାରିଛି। ଫିଲ୍ମର ଶେଷ ୨୦ ମିନିଟ୍ ଦର୍ଶକଙ୍କୁ ଅଧିକ ପ୍ରଭାବିତ କରୁଛି। ଏହି ଫିଲ୍ମରେ ଭଗବାନ ବିଷ୍ଣୁଙ୍କ ନରସିଂହ ଅବତାର ବିଷୟରେ ଦେଖାଯାଇଛି। ଏହାପରେ ଭଗବାନଙ୍କର ଆଉ ୯ଟି ଅବତାରକୁ ନେଇ ଆନିମେଟେଡ୍ ଫିଲ୍ମ ନିର୍ମାଣ କରିବ ବୋଲି ଘୋଷଣା କରିଛି ହୋମ୍ବଲେ ଫିଲ୍ମସ୍ । 'ମହାବତାର ନରସିଂହ'ର ନିର୍ଦ୍ଦେଶନା ଅଶ୍ୱିନ କୁମାର ଦେଇଥିବା ବେଳେ ଏହାର ନିର୍ମାଣ ଦାୟିତ୍ୱରେ ଅଛନ୍ତି ଶିଳ୍ପା ଧାୱନ୍, କୁଶଲ୍ ଦେଶାଇ ଓ ଚେତନ୍ୟ ଦେଶାଇ। କଲିମ୍ ପ୍ରଡକ୍ସନ୍ସ ଅଧୀନରେ ଏହାର ନିର୍ମାଣ କରାଯାଇଛି।

## ପେଚା କାହିଁକି ରାତିରେ ଦେଖିପାରେ



ପେଚା ଯେତିକି ଭୟଙ୍କର ସେତିକି ବୁଦ୍ଧିମାନ ମଧ୍ୟ। କେହି କେହି ପେଚାକୁ ବୋକା ବୋଲି ଭାବିଥାନ୍ତି। କିନ୍ତୁ ପେଚା ବିଷୟରେ ଏମିତି କିଛି ଖାସ୍ କଥା ଅଛି ଯାହା ଅଧିକାଂଶ ଲୋକେ ଜାଣି ନ ଥିବେ। ତେବେ ଜାଣନ୍ତୁ ଏ ସମ୍ପର୍କରେ : ପେଚା ମା' ଲକ୍ଷ୍ମୀଙ୍କ ବାହନ ଅଟେ। ପୃଥିବୀରେ ୨୦୦ରୁ ଅଧିକ ପ୍ରଜାତିର ପେଚା ଅଛନ୍ତିୟ କେବଳ ଆଣ୍ଟାର୍କଟିକାକୁ ଛାଡ଼ିଦେଲେ ବିଶ୍ୱର ସମସ୍ତ ସ୍ଥାନରେ ପେଚା ଦେଖିବାକୁ ମିଳିଥାନ୍ତି। ପେଚା ଏକମାତ୍ର ପକ୍ଷୀ ଯିଏକି, ନୀଳରଙ୍ଗକୁ ଭଲ ଭାବରେ ଦେଖିପାରେ। ବର୍ଷକୁ ପ୍ରାୟ ୧ ହଜାର ମୂଷା ମାରି ଏହା ଖାଇଥାଏ। ପେଚା ଏମିତି ଏକ ପକ୍ଷୀ ଯିଏ ନିଜ ଶରୀର ନ ବୁଲାଇ ମୁଣ୍ଡକୁ ୨୭୦ ଡିଗ୍ରୀରେ ବୁଲାଇଥାଏ। ଯାହା ଦ୍ୱାରା ଚତୁଃପାର୍ଶ୍ୱରେ ଥିବା ସମସ୍ତ ଜିନିଷକୁ ଦେଖିପାରେ। ଯେକୌଣସି ବସ୍ତୁର ଥ୍ରୀ ଡି ଇମେଜ ମଧ୍ୟ ଏହା ଦେଖିପାରେ। ଛବିର ଲମ୍ବ, ଚଉଡ଼ାକୁ ବେଶ୍ ଭଲ ଭାବେ ଦେଖିପାରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦିବାଲୋକରେ ପେଚାକୁ ଦେଖାଯାଏ ନାହିଁ। ରାତିରେ ଏହା ମଣିଷଠାରୁ ମଧ୍ୟ ବେଶ୍ ଭଲ ଭାବେ ଦେଖିପାରିଥାଏ। ଏହାର ଏକ କାରଣ ରହିଛି। ମଣିଷ ଆଖି ଭିତରେ ରଡ୍ସ ଏବଂ କୋନ୍ ରହିଛି। ରଡ୍ସରେ ଦେଖିବା ଶକ୍ତି ଥିବାବେଳେ କୋନ୍ ରଙ୍ଗ ଚିହ୍ନିପାରେ। କିନ୍ତୁ ପେଚା ଆଖିରେ କମ୍ କୋନ୍ ଏବଂ ଅଧିକ ରଡ୍ ରହିଛି। ଏଥିପାଇଁ ଅନ୍ଧାରରେ ଏହା ଭଲ ଭାବରେ ଦେଖିପାରେ। ଏହା ବ୍ୟତୀତ ପେଚା ଆଖିରେ ପ୍ରୋଟିନରୁ ତିଆରି ହୋଇଥିବା ଲାଲ୍ ରଙ୍ଗର ଏକ ପଦାର୍ଥ ରହିଛି । ଯାହା ଦ୍ୱାରା ରାତି ହେଲେ ଏହାର ଆଖି ଅଧିକ ସମ୍ବେଦନଶୀଳ ହୋଇଉଠେ। ଆହୁରି ଅନେକ କାରଣ ଯୋଗୁ ପେଚାକୁ ରାତିରେ ଭଲ ଭାବରେ ଦେଖାଯାଇଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି।

## ଘରେ ସୁଖ-ଶାନ୍ତି ଏବଂ ସମୃଦ୍ଧି ପାଇଁ ଫେଙ୍ଗ୍‌ଶୁଇ ଟିପ୍ସ



୧. ଯୋଡ଼ା ମାଛକୁ ଘରେ ରଖିବା ଶୁଭ। କୁହାଯାଏ କି, ଘରେ ଏହି ପକ୍ଷୀମାନଙ୍କ ଏକ ଯୋଡ଼ା ପ୍ରତିମା ରଖିବା ଶୁଭ ବୋଲି ବିବେଚନା କରାଯାଏ । ଫେଙ୍ଗ୍‌ଶୁଇ ଶାସ୍ତ୍ର ଅନୁଯାୟୀ, ଏହା ଦାମ୍ପତ୍ୟ ଜୀବନରେ ସମୃଦ୍ଧତା ଆଣିଥାଏ ।


୩. ଫେଙ୍ଗଶୁଇ ଅନୁସାରେ, ଘରେ କଳା ରଙ୍ଗର କଇଁଚ, ନାଲି ପକ୍ଷୀ, ଧଳା ଡ୍ରାଗନର ଫଟୋ ରହିବା ଶୁଭ ଅଟେ। କୁହାଯାଏ କି ଘରେ ନେଗେଟିଭ୍ ଶକ୍ତି ପ୍ରବେଶ କରିପାରିବ ନାହିଁ।

୪. ଘରେ ନଦୀ ବା ଝରଣାର ଫଟୋକୁ ସବୁବେଳେ ଉତ୍ତର ଦିଗରେ ରଖିବା ଉଚିତ୍। ଏହା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

୫. ଯଦି ଆପଣଙ୍କ ଅଫିସରେ ବଡ଼ ହଲ୍ ଅଛି, ତାହେଲେ ଫେଙ୍ଗଶୁଇ ଅନୁସାରେ ଧାତୁରେ ତିଆରି କୌଣସି ଜିନିଷ ରଖିବା ଶୁଭ ହୋଇଥାଏ। କୁହାଯାଏ କି, ଏହାଦ୍ୱାରା ଧନବୃଦ୍ଧିରେ ସମସ୍ୟା ଆସେ ନାହିଁ।

୬. ଫେଙ୍ଗଶୁଇ ଅନୁସାରେ, ସବୁଜ ଗଛକୁ ମାଟିର ପାତ୍ରରେ ଘର ଭିତରେ ପୂର୍ବ ଦିଗରେ ରଖିବା ଉଚିତ୍। ଏଭଳି କରିବା ଦ୍ୱାରା ଘରେ ସୁଖ-ଶାନ୍ତି ଏବଂ ସମୃଦ୍ଧି ଆସିଥାଏ।

# ସିକଲ୍ ସେଲ୍ ରୋଗରୁ ରକ୍ଷାର ଉପାୟ




ପରିବେଶ ବଦଳିବା ସହିତ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ରୋଗ ବଢ଼ିବାରେ ଲାଗିଛି। ଦିନକୁ ଦିନ ନୂଆ ନୂଆ ରୋଗ ଚିହ୍ନଟ ହେଉଛି। ପରିବେଶର ସିଧାସଳଖ ଜିନ୍ ଉପରେ ପ୍ରଭାବ ପକାଉଛି। ପରିବେଶର ପରିବର୍ତ୍ତିତ ପରିସ୍ଥିତିରେ କିଛି ଜେନେଟିକ୍ ରୋଗ ବା ଆନୁବଂଶିକ ରୋଗ ଅଧିକ ସମସ୍ୟା ସୃଷ୍ଟି କରୁଛନ୍ତି। ଏହିଭଳି ଏକ ଜେନେଟିକ୍ ରୋଗ ହେଲା ସିକଲ୍ ସେଲ୍। ଜିନରେ ଅସାମାନ୍ୟ ପରିବର୍ତ୍ତନ ଯୋଗୁଁ ଏହି ରୋଗ ହୋଇଥାଏ। ମାତାପିତାଙ୍କ ମଧ୍ୟରେ ଏହି ରୋଗ ଥିଲେ ପିଲାଙ୍କ ମଧ୍ୟରେ ଦେଖା ଦେଇଥାଏ। ସିକଲ୍ ସେଲ୍ ରୋଗ କଣ ଏବଂ କିଭଳି ଏହି ରୋଗରୁ ବଞ୍ଚି ପାରିବେ ଜାଣନ୍ତୁ :

ବିଶେଷଜ୍ଞଙ୍କ ଅନୁସାରେ, ସିକଲ ସେଲ ଏକ ଜେନେଟିକ ରୋଗ। ସାଧାରଣତଃ ଆମ ଶରୀରରେ ଲାଲ ରକ୍ତ କଣିକା ଏକ ପ୍ଲେଟ ପରି ସମତଳ ଏବଂ ଗୋଲାକାର ହୋଇଥାଏ। ଏହା ରକ୍ତ ନଳୀରେ ସହଜରେ ଗତି କରିବାକୁ ସକ୍ଷମ କିନ୍ତୁ ଯଦି ଜିନ୍ ଗୁଡିକ ଅସ୍ୱାଭାବିକ ଥାଏ ତେବେ ଲାଲ ରକ୍ତ କଣିକାଗୁଡ଼ିକ ପ୍ଲେଟ୍ ଭଳି ଗୋଲାକାର ନ ହୋଇ ଅର୍ଦ୍ଧଚନ୍ଦ୍ର ରୂପରେ ଦେଖା ଦେଇଥାଏ। ଏହି କାରଣରୁ ଏହା ରକ୍ତ ନଳୀରେ ସଠିକ୍ ଭାବରେ ଗତି କରିପାରେ ନାହିଁ ଏବଂ ଏହି କାରଣରୁ ଶରୀରରେ ଅମ୍ଳଜାନର ଅଭାବ ଦେଖା ଦେଇଥାଏ। ଏହି କାରଣରୁ ରୋଗୀ ମଧ୍ୟରେ ରକ୍ତହୀନତା ସମସ୍ୟା ଦେଖା ଦେଇଥାଏ। ସାଧାରଣତଃ ବିକଶିତ ହୋଇ ନଥିବା ଦେଶରେ ସିକ ସେଲ ରୋଗ ଅଧିକ ବ୍ୟାପିଥାଏ। ତେଣୁ ଆଫ୍ରିକା, ତୁର୍କୀ, ଗ୍ରୀସ୍, ସାଉଦି ଆରବ ଏବଂ ଭାରତ ଭଳି ଦେଶରେ ଏହି ରୋଗ ଅଧିକ ଦେଖା ଦେଇଥାଏ। ସିକଲ ସେଲ ଜେନେଟିକ ରୋଗ ହୋଇଥିଲେ ମଧ୍ୟ କିଛି ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ଉଚିତ ଯେପରି ଏହି ରୋଗ ବ୍ୟାପିବାରେ ରୋକା ଯାଇପାରିବ। ଏହା ଏକ ଗମ୍ଭୀର ରୋଗ। ସେଥିପାଇଁ ଏହି ରୋଗରୁ ବଞ୍ଚିବା ନିହାତି ଜରୁରୀ। ଶିଶୁଙ୍କ ମଧ୍ୟରେ ଯେପରି ଏହି ରୋଗ ପାରିତ ନ ହେବ ସେଥିପାଇଁ ବିବାହ ପୂର୍ବରୁ ଯୁବକ ଯୁବତୀ ଉଭୟ ରକ୍ତ ନମୁନା ଯାଞ୍ଚ କରିନେବା ଉଚିତ। ଯଦି ଯୁବକ ଯୁବତୀ ସିକଲ୍ ସେଲ୍ ରୋଗର ଗ୍ରାସିତ ତା'ହେଲେ ସେମାନେ ପରସ୍ପରକୁ ବିବାହ କରିବା ଉଚିତ ନୁହେଁ। କାରଣ ଏମାନେ ବିବାହ ପରେ ତାଙ୍କ ଶିଶୁଙ୍କୁ ସିକଲ୍ ସେଲ୍ ରୋଗ ହେବାର ସମ୍ଭାବନା ଅଧିକ ଥାଏ। କିଛି ଦେଶରେ ବିବାହ ପୂର୍ବରୁ ଯୁବକ ଯୁବତୀଙ୍କ ସିକଲ ସେଲ ଯାଞ୍ଚ ଅନିବାର୍ଯ୍ୟ କରି ଦିଆଯାଇଛି। ସିକଲ୍ ସେଲ୍ ପୀଡିତ ଶିଶୁ ଦୁର୍ବଳ ହୋଇଥାନ୍ତି। ଟୀକାକରଣ ଦ୍ୱାରା ଏହି ଶିଶୁଙ୍କୁ ସୁରକ୍ଷିତ କରାଯାଇ ପାରିବ। ବିଶେଷଜ୍ଞଙ୍କ ଅନୁଯାୟୀ, ବର୍ତ୍ତମାନ ବୋନାମାରୋ ଟ୍ରାନ୍ସପ୍ଲାଣ୍ଟ ସିକଲ୍ ସେଲ୍ ରୋଗର ଏକମାତ୍ର ଉପଲବ୍ଧ ଚିକିତ୍ସା। କିନ୍ତୁ ଏହି ଚିକିତ୍ସା ବହୁତ ବିପଦଜନକ ଏବଂ ଏହାର ଅନେକ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଛି। ତାଛଡା ପୀଡିତଙ୍କୁ ଫଲିକ ଏସିଡ ଔଷଧ ଦେଇ ମଧ୍ୟ ଉପଚାର କରାଯାଇପାରେ। ଶିଶୁଙ୍କ ପାଇଁ ଟୀକାକରଣରେ ନିମୋକୋକାଲ୍, ଫ୍ଲୁ ଏବଂ ମେନିଙ୍ଗୋକୋକାଲ୍ ଟିକା ଚିକିତ୍ସା କରାଯାଏ। ଏହା ବ୍ୟତୀତ ଅନେକ ବୈଜ୍ଞାନିକ ମଧ୍ୟ ସିକଲ ସେଲ ଜିନ ଉପରେ ଅନୁସନ୍ଧାନ କରୁଛନ୍ତି। ଯାହାଦ୍ୱାରା ରୋଗୀର ଅସ୍ୱାଭାବିକ ଜିନ୍ ବଦଳାଇ ଏହାର ଚିକିତ୍ସା କରାଯାଇପାରିବ। ଏହିପରି ରୋଗୀଙ୍କୁ ନିଜ ଶରୀରର ହେମୋଗ୍ଲୋବିନ୍ ସ୍ତର ହ୍ରାସ ନ କରିବା ଉଚିତ। ଏହା ବ୍ୟତୀତ ଆହାରରେ ଆଇରନ୍, ଫୋଲିକ୍ ଏସିଡ୍ ଭଳି ପୋଷକ ତତ୍ତ୍ୱରେ ଭରପୂର ଜିନିଷ ଖାଦ୍ୟରେ ସାମିଲ କରିବା ଉଚିତ।

# ମୁହଁରେ ଲଗାନ୍ତୁ ଆଲୋ ଭେରା

ଆଲୋ ଭେରା ବା ଘିକୁଆଁରି କେବଳ ସ୍ୱାସ୍ଥ୍ୟ ନୁହେଁ ତ୍ୱଚା ପାଇଁ ଏକ ବରଦାନ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି। ଏଥିରେ ଥିବା ଆଣ୍ଟି



ବ୍ୟାକ୍ଟେରିଆଲ ଗୁଣ ତ୍ୱଚାରେ ବ୍ରଣ, ଦାଗ ପରି ଅନେକ ସମସ୍ୟାକୁ ଭଲ କରିଥାଏ। ତେବେ ଏହାକୁ ଲଗାଇବାର ବିଧି ଆପଣଙ୍କୁ ଜଣାଥିବା ଆବଶ୍ୟକ। ଆସନ୍ତୁ ଜାଣିବା ଘରେ ଘିକୁଆରୀ ବା ଆଲୋ ଭେରା କିପରି ଲଗାଇବା ଉଚିତ।

୧. ଅଲଗା ଅଲଗା ସମସ୍ୟା ପାଇଁ ଆଲୋ ଭେରା ବ୍ୟବହାର କରାଯାଇଥାଏ। ସନବର୍ଣ୍ଣ, ମଷ୍ଚରାଇଜର, ଆଣ୍ଟି ଏଜିଙ୍ଗ ଜେଲ, ମେକଅପ ରିମୁଭର, ସ୍କ୍ରବ, ଆଇବ୍ରୋ ଜେଲ ଭାବରେ ଏହାକୁ ବ୍ୟବହାର କରାଯାଇଥାଏ।

୨. ଯଦି ଆପଣଙ୍କ ଘରେ ଆଲୋଭେରା ଗଛ ଅଛି ତେବେ ଆପଣ ଏଥିରୁ ଜେଲ ପ୍ରସ୍ତୁତ କରିପାରିବେ।

୩. ଏହି ଜେଲକୁ ସନବର୍ଣ୍ଣ ପାଇଁ ବ୍ୟବହାର କରିବାକୁ ଚାହୁଁଥିଲେ କିଛି ସମୟ ଫ୍ରିଜରେ ରଖନ୍ତୁ। ପରେ ସେଥିରେ ହାଲକା ଗୋଲାପ ଜଳ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ। ଏହିପରି ପ୍ରତିଦିନ ରାତିରେ ଲଗାଇ ଶୁଅନ୍ତୁ।

୪. ସେହିପରି ତ୍ୱଚାରୁ ଡେଡ ସ୍କିନ ସଫା କରିବାକୁ ଚାହୁଁଥିଲେ, ଫେଶୱାସରେ ମୁହଁ ଧୋଇବା ପରେ ଅଳ୍ପ ଏଲୋବେରା ଜେଲ ଲଗାନ୍ତୁ। ଏହା ପରେ ଏକ ଓଦା କପଡ଼ାରେ ମୁହଁକୁ ସ୍କ୍ରବ କରି ପୋଛନ୍ତୁ।

୫. ଆଣ୍ଟି-ଏଜିଙ୍ଗ ଜେଲ ଭାବରେ ମଧ୍ୟ ଏଲୋବେରା ଜେଲ ବ୍ୟବହାର କରାଯାଇପାରିବ। ତେବେ ଏଥିରେ ଭିଟାମିନ ଇ କିମ୍ବା ଭିଟାମିନ ସିର ପାଉଡର ମିଶାଇ ଲଗାନ୍ତୁ।

୬. ମେକଅପ ଛଡ଼ାଇବା ପାଇଁ କଟନରେ ଅଳ୍ପ ଆଲୋ ଭେରା ଜେଲ ନେଇ ମେକଅପକୁ ସଫା କରନ୍ତୁ। ଏପରି କଲେ ଜଲଦି ମେକଅପ ସଫା ହେବା ସହ ଆପଣଙ୍କ ତ୍ୱଚା କୋମଳ ରହିବ।

# ଆଇସିଏମଆର୍-ଆରଏମଆରସିରେ 'ସାଇନ ୨୦୨୫'



**ଭୁବନେଶ୍ୱର,୧୦।୮ (ମହାଭାରତ):** ଆଇସିଏମଆର-ସାଇନ (ନୂଆ ପିଢ଼ିର ଗବେଷକଙ୍କ ପାଇଁ ବିଜ୍ଞାନ ଓ ସ୍ୱାସ୍ଥ୍ୟ ଉଦ୍ଭାବନ) କାର୍ଯ୍ୟକ୍ରମ-୨୦୨୫ ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀ ବୈଜ୍ଞାନିକ ପ୍ରଫେସର ଭି. ରାମଲିଙ୍ଗସ୍ୱାମୀଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ସାରା ଦେଶରେ ଥିବା ୨୮ଟି ଆଇସିଏମଆର ପ୍ରତିଷ୍ଠାନ ଓ ଫିଲଡ୍ ୟୁନିଟ୍ ମାଧ୍ୟମରେ ଆୟୋଜନ ହୋଇଥିଲା।

ସାଇନ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଜୈବ ଚିକିତ୍ସା ଗବେଷଣା ଏବଂ ନବସୃଜନ ସହିତ ପ୍ରତ୍ୟକ୍ଷ ସମ୍ପର୍କକୁ ଦର୍ଶାଇ ସେମାନଙ୍କ ମଧ୍ୟରେ ବୈଜ୍ଞାନିକ କୌତୁହଳ ଏବଂ ଜନସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବାୟ ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସହର ଏବଂ ଆଖପାଖର ବିଭିନ୍ନ ସ୍କୁଲର ୯ମରୁ ଦ୍ୱାଦଶ ଶ୍ରେଣୀର ପ୍ରାୟ ୪୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମଆର)ର ମହାନିର୍ଦ୍ଦେଶକ ଡକ୍ଟର ରାଜୀବ ବହଲ ଭର୍ଚୁଆଲ୍ ଭାବରେ ଉଦଘାଟନ କରିଥିଲେ। କୋଭିଡ୍-୧୯ ମହାମାରୀ ସମୟରେ ଆଇସିଏମଆରର ଭୂମିକା ଉପରେ ଗୁରୁତ୍ୱାରୋପ କରି, ଡକ୍ଟର ବହଲ ଟୀକା ବିକାଶ, ରୋଗ ନିର୍ଣ୍ଣୟ ପରୀକ୍ଷା ଏବଂ ଚିକିତ୍ସା ପ୍ରୋଟୋକଲରେ ଆଇସିଏମଆରର ଅବଦାନ ଉପରେ ଆଲୋକପାତ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଗବେଷଣା ପ୍ରତିଷ୍ଠାନ ପରିଦର୍ଶନ କରିବାକୁ ଏବଂ ବୈଜ୍ଞାନିକଙ୍କ ପରି ଚିନ୍ତା କରିବାକୁ ଉତ୍ସାହିତ କରିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ କି ବାତ'ରେ ବିଜ୍ଞାନକୁ ଯୁବ ମନର ଜୀବନର ଏକ ଅଂଶ କରିବା ପାଇଁ କରିଥିବା ଆହ୍ୱାନକୁ ପ୍ରତିଫଳିତ କରିଥିଲେ।

ସେ କହିଥିଲେ, ଆଜି ଆମେ ଆପଣମାନଙ୍କୁ ଏକ ବିଜ୍ଞାନାଗାର ଦେଖାଇବାକୁ ଚାହୁଁଛୁ। ଆମେ ଚାହୁଁଛୁ ଯେ ଆପଣମାନେ ଜଣେ ଜଣେ ବୈଜ୍ଞାନିକ ପରି ଚିନ୍ତା ଓ କାମ କରନ୍ତୁ ଏବଂ ଜାଣନ୍ତୁ ଯେ ଜଣେ ବୈଜ୍ଞାନିକ କ'ଣ କରନ୍ତି। ଗବେଷଣା ଓ ଉଦ୍ଭାବନର ଅର୍ଥ ହେଉଛି ସମାଜର ଉପକାରରେ ଲାଗୁଥିବା ଟେକନଲୋଜୀର ବିକାଶ, ଠିକ ଯେପରି ଆଇସିଏମଆର ଦ୍ୱାରା ବିକଶିତ ଡିଏନଏ ଓ ଆରଏନଏ ଭିତ୍ତିକ ପଦ୍ଧତି ମାଧ୍ୟମରେ ଯକ୍ଷ୍ମାର ରାପିଡ ଟେଷ୍ଟିଂ। ଏହି ଅବସରରେ ଆଇସିଏମଆରର ଅତିରିକ୍ତ ମହାନିର୍ଦ୍ଦେଶିକା ତଥା ଆଇସିଏମଆର-ଆରଏମଆରସି ଭୁବନେଶ୍ୱରର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ଭାଷଣ ଦେଇଥିଲେ। ସେ ଆଇସିଏମଆରର ସମୃଦ୍ଧ ପରମ୍ପରା ସଂପର୍କରେ ଓ କୋଭିଡ-୧୯ ମହାମାରୀ ସମୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ବୈଜ୍ଞାନିକ ଗବେଷଣା କେବଳ ପରୀକ୍ଷାନିରୀକ୍ଷା ନୁହେଁ, ବରଂ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଓ ସମାଜ ସମସ୍ୟାର ସମାଧାନ କରିବାକୁ ବୁଝାଏ।

ଏହି କାର୍ଯ୍ୟକ୍ରମ ଅବସରରେ ମତବିନିମୟ ଅଧିବେଶନ ଆୟୋଜନ କରାଯିବା ସହ କେତେକ କ୍ଷୁଦ୍ର ଚଳଚ୍ଚିତ୍ରର ପ୍ରଦର୍ଶନ କରାଯାଇଥିଲା। ଏସବୁ କ୍ଷୁଦ୍ର ଚଳଚ୍ଚିତ୍ରଗୁଡ଼ିକର ବିଷୟ ଥିଲା ଆଇସିଏମଆର-ଆରଏମଆରସି ଭୁବନେଶ୍ୱରର ଐତିହ୍ୟ, କୋଭାକ୍ସିନ ବିକାଶର କାହାଣୀ, ଡ୍ରୋନ ଭିତ୍ତିକ ଡାକ୍ତରୀ ସାମଗ୍ରୀ ଯୋଗାଣ ବ୍ୟବସ୍ଥା ଓ 'ବିଷାଣୁ ଯୁଦ୍ଧ ଅଭ୍ୟାସ'-ମହାମାରୀ ପ୍ରସ୍ତୁତି ସଂପର୍କରେ ଏକ ସୂଚନା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନାଗାର ପରିଦର୍ଶନରେ ନିଆଯାଇଥିଲା, ଲାଇଭ୍ ଡେମୋନଷ୍ଟ୍ରେସନ ଦେଖାଯାଇଥିଲା ଓ ଭୁବନେଶ୍ୱର କେନ୍ଦ୍ରରେ ବର୍ତ୍ତମାନ ଜାରି ରହିଥିବା ଗବେଷଣା ସଂପର୍କରେ ଅବଗତ କରାଯାଇଥିଲା।

# ସମ୍ମମ୍‌ରେ ହାଡ଼ ଓ ଗଣ୍ଠିର ଅତ୍ୟାଧୁନିକ ଚିକିତ୍ସା ଉପରେ ଆଲୋଚନା

**ଭୁବନେଶ୍ୱର,୧୦।୮ (ମହାଭାରତ):** ବୟସ୍କଙ୍କ କ୍ଷେତ୍ରରେ ହାଡ଼ର ଶକ୍ତି ବୃଦ୍ଧି, ଭଙ୍ଗାହାଡ଼ର ଚିକିତ୍ସା ଓ ଆଣ୍ଠୁ ପ୍ରତ୍ୟାରୋପଣ ଭଳି ବିଭିନ୍ନ ହାଡ଼ ଓ ଗଣ୍ଠି ଜନିତ ଅତ୍ୟାଧୁନିକ ଚିକିତ୍ସାକୁ ନେଇ ସମ୍ ଅଲ୍ଟିମେଟ ମେଡିକେୟାରରେ ଏକ ସିଏମ୍‌ଇ ଆୟୋଜିତ ହୋଇଯାଇଛି।

'ଓଲ୍ଡ ଇଜ୍ ଗୋଲ୍ଡ - ୩୬୦ ଡିଗ୍ରୀ କେୟାର ଫର୍ ଦ ଏଲ୍‌ଡର୍ଲି: ଏନସ୍ୟୁରିଙ୍ଗ ମୋବିଲିଟି, ଡିଗ୍ନିଟି ଆଣ୍ଡ ଲଙ୍ଗଜିଭିଟି' ପ୍ରସଙ୍ଗ ଭିତ୍ତିକ ଏହି ସିଏମ୍‌ଇକୁ ହସ୍ପିଟାଲ୍‌ର ଅର୍ଥୋପେଡିକ୍ସ ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ଇଣ୍ଡିଆନ୍ ଅର୍ଥୋପେଡିକ ଆସୋସିଏସନ୍‌ର ବୋନ୍ ଏବଂ ଜଏଂଟ ୱିକ୍ ପାଳନ ପରିପ୍ରେକ୍ଷୀରେ ଏହି ସିଏମ୍‌ଇ ଆୟୋଜିତ ହୋଇଥିଲା। ସିଏମ୍‌ଇର ବିଭିନ୍ନ ପର୍ଯ୍ୟାୟରେ ହସ୍ପିଟାଲ୍‌ର ସିନିୟର କନ୍‌ସଲ୍‌ଟାଂଟ ଡାକ୍ତର ବୁଧେଶ୍ୱର ମାଝି, ଡାକ୍ତର ସିଦ୍ଧାର୍ଥ ସାମଲ, କନ୍‌ସଲଟାଂଟ ଡାକ୍ତର ଚନ୍ଦନ ପଣ୍ଡା ଏବଂ ଆସୋସିଏଟ୍ କନ୍‌ସଲ୍‌ଟାଂଟ ଡାକ୍ତର ସୂର୍ଯ୍ୟ କାନ୍ତ ସାହୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କର ହାଡ଼ର ସ୍ୱାସ୍ଥ୍ୟ ଓ ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତିରେ ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ।



ସିଏମଇରେ ସମ୍ମମର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ ବକ୍ତବ୍ୟ ରଖି ସୁସ୍ଥ ହାଡ଼ ଏବଂ ଗଣ୍ଠି ମଣିଷ ଜୀବନ ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅର୍ଥୋପେଡିକ ବିଶେଷଜ୍ଞ ଓ ଅଗ୍ରଣୀ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ସହାୟତାରେ କେବଳ ଜ୍ଞାନ ଆଦାନ ପ୍ରଦାନ ନୁହେଁ ବରଂ ବରିଷ୍ଠ ନାଗରିକଙ୍କର ଜୀବନ ଶୈଳୀକୁ ସୁଗମ କରିବା ଦିଗରେ ଏହା ଏକ ଅଭିନବ ପ୍ରୟାସ ବୋଲି ଡକ୍ଟର ଦାଶ କହିଥିଲେ।

କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର ଯୋଗ ଦେଇ ଯେ କୌଣସି ବୟସର ବ୍ୟକ୍ତିଙ୍କ କ୍ଷେତ୍ରରେ ହାଡ଼ ଏବଂ ଗଣ୍ଠିର ଚିକିତ୍ସା ଏବଂ ସୁସ୍ଥତା ଦ୍ୱାରା ହିଁ ଉନ୍ନତ ଜୀବନ ଶୈଳୀ ମିଳିଥାଏ ବୋଲି କହିଥିଲେ। ଏକ ବାର୍ତ୍ତା ମାଧ୍ୟମରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକ କହିଥିଲେ ଯେ ସମାଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବା ସହ ବୟସ୍କ ବ୍ୟକ୍ତିଙ୍କର ସେବା ମଧ୍ୟ ଏକ ବଡ଼ ଦାୟିତ୍ୱ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ଉତ୍କର୍ଷ ମାନର ଡାକ୍ତରୀ ଚିକିତ୍ସା ପ୍ରଦାନ କରିବା ନେଇ ସମ୍ମମ୍‌ର ମିଶନକୁ ପ୍ରତିପାଦିତ କରୁଛି ବୋଲି ପ୍ରଫେସର ନାୟକ କହିଥିଲେ।

# ଆଇଆଇଟି ମାଡ୍ରାସ ସହ ଟ୍ରାଫିକ ସମନ୍ୱୟ ଭିତ୍ତିକ ସଡ଼କ ସୁରକ୍ଷା ଡ୍ୟାସବୋର୍ଡ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୦।୮ (ମହାଭାରତ):** ଆଇଆଇଟି ମାଡ୍ରାସ ସହିତ ମିଳିତ ଭାବରେ ଓଡ଼ିଶା ସରକାର, ଏକ ଅଗ୍ରଣୀ ରିଅଲ୍-ଟାଇମ୍ ସଡ଼କ ସଚେତନତା ଏବଂ ଟ୍ରାଫିକ ସମନ୍ୱୟ ଭିତ୍ତିକ ସଡ଼କ ସୁରକ୍ଷା ଡ୍ୟାସବୋର୍ଡ ବିକଶିତ କରୁଛନ୍ତି। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ପଦକ୍ଷେପ ନେଇ ଆଲୋଚନା ହୋଇଛି। ସଡ଼କ ସୁରକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ସହ ଡିଜିଟାଲ୍ ସମାଧାନ ପାଇଁ ରିଅଲ-ଟାଇମ୍ ତଥ୍ୟ, ବିଶ୍ଳେଷଣ ଏବଂ ଭିଜୁଆଲ୍ ଇନସାଇଟ୍ ପ୍ରଦାନ କରିବା ବ୍ୟବସ୍ଥା ସହ ଏହି ଡ୍ୟାସବୋର୍ଡକୁ ବିକଶିତ କରାଯାଉଛି।

ଏହି ଅବସରରେ ଶ୍ରୀମତୀ ପାଢୀ କହିଛନ୍ତି, ସଡ଼କ ସୁରକ୍ଷା ଏକ ସାମୂହିକ ଦାୟିତ୍ୱ ଏବଂ ଏହି ଡ୍ୟାସବୋର୍ଡ ଜୀବନ ରକ୍ଷା ପାଇଁ ରିଅଲ୍-ଟାଇମ୍ ତଥ୍ୟ, ନାଗରିକ ଇନପୁଟ୍ ଏବଂ ସାଂସ୍ଥାଗତ ସମନ୍ୱୟ ବ୍ୟବହାର କରିବାରେ ଏକ ପ୍ରମୁଖ ପଦକ୍ଷେପ। ଏହା ଓଡ଼ିଶାରେ ଏକ ସୁରକ୍ଷିତ ଏବଂ ଅଧିକ ପ୍ରତିକ୍ରିୟାଶୀଳ ପରିବହନ ଇକୋସିଷ୍ଟମ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ, ଆଇପିଏସ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ ସମାରୋହ

**ଭୁବନେଶ୍ୱର,୧୦।୮ (ମହାଭାରତ):** ପୂର୍ବାହ୍ନରେ ଖୋର୍ଦ୍ଧା ସଦର ମହକୁମା ଜୟୀରାଜଗୁରୁ ଟାଉନ୍ ହଲ ଠାରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ସଂଯୋଜନାରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରି ରତୁରାଜକ ଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ସମବାୟ , ବୟନ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ତଥା ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍ଘାଟନ କରିଥିଲେ। ନିଜ ଅଭିଭାଷଣରେ ମନ୍ତ୍ରୀ କହିଛନ୍ତି ଯେ ସୁଭଦ୍ରା ରାଜ୍ୟ ସରକାରଙ୍କ ଏକ ମହତ କାଙ୍କ୍ଷୀ ଯୋଜନା ଯାହା ନାରୀ ଶକ୍ତିର ଜୟଯାତ୍ରାର ପରିଚୟ। ନାରୀର ସ୍ୱାଭିମାନ କୁ ସମ୍ମାନଦେବା ଓ ସେମାନଙ୍କୁ ସ୍ୱାବଲମ୍ବି କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ପରିବାର ମୁହଁରେ ହସ ଫୁଟାଇ ଆର୍ଥିକ ମାନଦଣ୍ଡ କୁ ସୁଦୃଢ଼ କରିବା ସୁଭଦ୍ରା ଯୋଜନାର ମୂଳ ଲକ୍ଷ୍ୟ ଅଟେ। ଖୋର୍ଦ୍ଧା ଜିଲ୍ଲାର ଆଜି ଯେଉଁ ମା ମାନେ ତୃତୀୟ କିସ୍ତି ପାଇଲେ ସେମାନେ ଏହି ଅର୍ଥ କୁ କ୍ଷୁଦ୍ର ରାଶି ନଭାବି ଏହି ରାଶିକୁ ପ୍ରକୃତ ବିନିଯୋଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ ଏବଂ ନାରୀ ଶକ୍ତିର ଜୟଯାତ୍ରା ଉଜ୍ଜ୍ୱଳମୟ ହେଉ ବୋଲି ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଉଦବୋଧନ ରଖିଥିଲେ। ସଭାପତି ଭାଷଣରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରି ରତୁରାଜ କହିଲେ ଯେ ସୁଭଦ୍ରା ଯୋଜନାରେ ୫ ହଜାର ଲେଖାଏଁ ୫ ବର୍ଷରେ ୫୦ ହଜାର ଟଙ୍କା ଯୋଗାଇ ଦିଆଯାଉଛି। ବର୍ଷକୁ ୨ ଟି କିସ୍ତିରେ ୫ ହଜାର ଲେଖାଏଁ ୧୦ ହଜାର ଟଙ୍କା ଯୋଗାଇ ଦିଆଯାଉଛି। ଆଜି ତୃତୀୟ କିସ୍ତି କୁ ନେଇ ଶୁଭଦ୍ରା ହିତାଧିକାରୀମାନେ ୧୫ ହଜାର ପାଇଲେ ଯାହାକୁ ସେମାନେ କେବେହେଲେ କ୍ଷୁଦ୍ର ରାଶି ନଭାବି ନିଜ ପାଠ ପଢୁଥିବା ଝିଅ ପାଇଁ ଯଦି ଗୋଟିଏ ସାଇକେଲ କିଣିଲେ କିମ୍ବା ଗୋଟେ ଚାହା ଦୋକାନ କରି କିଛି ଅର୍ଥ ଉପାର୍ଜନ କଲେ କିମ୍ବା ଗାଁରେ ଥିବା ପୋଖରୀରେ ମାଛ ଚାଷ କଲେ କିମ୍ବା କୃଷି ଓ ଆନୁଷଙ୍ଗିକ କୃଷି ରେ ଅର୍ଥକୁ ବିନିଯୋଗ କଲେ ଅଥବା ଅଣୁ ଉଦ୍ୟୋଗ ରେ ଅର୍ଥ ନିବେଶ କଲେ ତାହାହିଁ ପ୍ରକୃତ ମହିଳା ସଶକ୍ତି କରଣ ବୋଲି କହିପାରିବା । ଜିଲ୍ଲାପାଳ ଆହୁରି କହିଥିଲେ ସଶକ୍ତି କରଣ ଏକ ସମୁଦ୍ର ଯାହା ଜଳ ବିନ୍ଦୁରୁ ହିଁ ସୃଷ୍ଟି ହୋଇ ପାରିବ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ର୍ନିବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ କହିଲେ ସୁଭଦ୍ରା ଯୋଜନା ତୃଣ ମୂଳ ସ୍ତରରେ ମହିଳା ମାନଙ୍କ ସାମାଜିକ ଓ ଅର୍ଥ ନୈତିକ ବିକାଶରେ ଗୁରୁ ପୂର୍ଣ୍ଣ ଭୂମିକା ର୍ନିବାହ କରି ଆସୁଅଛ। ଖୋର୍ଦ୍ଧା ଜିଲ୍ଲାରେ ସମସ୍ତ ପ୍ରକୃତ ହିତାଧିକାରୀ ମା ମାନେ କିଭଳି ଏହି ଯୋଜନାରେ ସାମିଲ ହୋଇ ପାରିବେ ସେଥିପାଇଁ ମିଶନ ମୋଡରେ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀ ସେମାନଙ୍କର ନିଷ୍ଠାପର ସେବା ଓ କର୍ତ୍ତବ୍ୟ ସମ୍ପାଦନ କରିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱାଗତ ଭାଷଣ ରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା କହିଲେ ସୁଭଦ୍ରା ଯୋଜନା ନୂତନ ସରକାରଙ୍କ ଏକ ଅଭିନବ ଏଜେଣ୍ଡା ଥିଲା। ମହିଳା ମାନଙ୍କୁ ଜୀବନ ଜୀବିକା ରେ ଉତଥାନ ଆଣିବାରେ ସୁଭଦ୍ରା ଯୋଜନା, ଲକ୍ଷ ପତି ଦିଦୀ ଯୋଜନା ମାଇଲଖୁଣ୍ଟ ହୋଇ ଠିଆ ହେବା ସହ ମହିଳା ମାନେ ଆର୍ଥିକ ସ୍ୱାବଲମ୍ବୀ ଦିଗରେ ଏହା ଏକ ପ୍ରକୃଷ୍ଟ ପ୍ରୋତ୍ସାହନ ଅଟେ। ମା ମାନେ ସୁନ୍ଦର, ସୁଖମୟ ଜୀବନଯାପନ ପାଇଁ ସୁଭଦ୍ରା ରାଶିକୁ ସଠିକ୍ ମାର୍ଗରେ ବିନିଯୋଗ କଲେ ସେମାନେ ଲକ୍ଷ ପତି ଦିଦି ରୁ କୋଟିପତି ଦିଦିର ସ୍ଥାନ ହାସଲ କରି ପାରିବେ। ଖୋର୍ଦ୍ଧା ଜିଲ୍ଲାରେ ପାଖାପାଖି ସୁଭଦ୍ରା ତୃତୀୟ କିସ୍ତି ପାଇବାରେ ୩ ଲକ୍ଷ ୫୧ ହଜାର ୧୯୭ ହିତାଧିକାରୀ ଅନ୍ତର୍ଭୁକ୍ତ ହେଲେ ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ଅଗଷ୍ଟ ୮ତାରିଖରୁ ୧୫ତାରିଖ ହର ଘର ତିରଙ୍ଗା କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ, ଜିଲ୍ଲାପାଳ ଓ ସମସ୍ତ ସୁଭଦ୍ରା ମା ମାନେ ନିଜ ହାତରେ ତିରଙ୍ଗା ଧରି ଉଦ୍ଘାଟନ କରିଥିଲେ। ସଫଳ ସୁଭଦ୍ରା ଭଉଣୀ ରିତାରାଣି ବେହେରା, ଖୋର୍ଦ୍ଧା,ସୁମିତ୍ରା ମୁଦୁଲି, ବେଗୁନିଆ, ଗାୟତ୍ରୀ ବୋଷ, ଖୋର୍ଦ୍ଧା, ମମତା ପଟ୍ଟନାୟକ ପ୍ରମୁଖ ସୁଭଦ୍ରା ଯୋଜନା ଦ୍ୱାରା ସେମାନେ କିପରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଛନ୍ତି ନିଜ ଅଭିଜ୍ଞତା ପ୍ରକାଶ କରିଥିଲେ।



# ଶିକ୍ଷକ ନିଯୁକ୍ତି ସ୍ଥଗିତ ନେଇ ବଢୁଛି ଅସନ୍ତୋଷ

**ଭୁବନେଶ୍ୱର,୧୦।୮ (ମହାଭାରତ):** ଆଶାୟୀ ଶିକ୍ଷକ ପ୍ରାର୍ଥୀ ଓ କନିଷ୍ଠ ଶିକ୍ଷକ ନିଯୁକ୍ତିକୁ ନେଇ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଉପରେ ଶିକ୍ଷକ ସଂଘ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ସରକାର ପ୍ରସ୍ତାବ ଉପର ଭଲ ନିଷ୍ପତ୍ତି ନେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋର ଧରିବ ବୋଲି ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ (ଓଜେଟିଏ) ପକ୍ଷରୁ ଚେତାବନୀ ଦିଆଯାଇଛି। ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ଉପଦେଷ୍ଟା ମନୋଜ କୁମାର କହିଛନ୍ତି, ଗତ ୨ ତାରିଖରେ ଗଣଶିକ୍ଷା ବିଭାଗ ପକ୍ଷରୁ ସୁପାରିଶ ହୋଇଥିଲା। ଏହି କ୍ରମରେ ୪୪ ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ସାଙ୍ଗକୁ ସମସ୍ତ ବର୍ଗର ଶିକ୍ଷକମାନଙ୍କର ନିୟମିତ ନିଯୁକ୍ତି ଏବଂ ଗ୍ରେଡ ପେ ବୃଦ୍ଧି ନେଇ ପ୍ରସ୍ତାବ ରହିଥିଲା। ସେହି ଚିଠିରେ ଓସେପା ସମେତ ଗଣଶିକ୍ଷା ବିଭାଗର ଅନ୍ୟାନ୍ୟ କର୍ମଚାରୀ ମାନଙ୍କର କ୍ୟାରିଅର ଆଡଭାନ୍ସମେଣ୍ଟ ପଲିସି ନେଇ ସୁଚିନ୍ତିତ ମତାମତ ପ୍ରଦାନ କରାଯାଇଥିଲା ଏବଂ ନିଷ୍ପତ୍ତିଟି ଆଇନ ବିଭାଗ, ଅର୍ଥ ବିଭାଗ ଓ ଗଣଶିକ୍ଷା ବିଭାଗର ସମସ୍ତ ଅଧିକାରୀଙ୍କ ମୋହର ବାଜି ଅନୁମୋଦିତ ହୋଇଥିଲା। ଏତେ ସବୁ ପରେ ଆଜି ସପ୍ତାହକ ଭିତରେ ଫେରସ୍ତ ହୋଇଛି ସୁପାରିସ। ବିଦ୍ୟାଳୟ ଓ ଗଣଶିକ୍ଷା ବିବାଗ କନିଷ୍ଠ ଶିକ୍ଷକ ନିଯୁକ୍ତିକୁ ନେଇ ପୂର୍ବ ନେଇଥିବା ନିଷ୍ପତ୍ତି ଉଠାଇନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୪୪ ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲା। ସରକାର କହିଥିଲେ ଯେ, ଠିକା ନିଯୁକ୍ତିରେ କେହି ରହିବେ ନାହିଁ। ସରକାରଙ୍କ ଏହି ଘୋଷଣା ପରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ମଧ୍ୟ ଧନ୍ୟବାଦ ଜଣାଇ ଥିଲା।

# ଡିଏସ୍‌ପି ମ୍ୟୁଚୁଆଲ ପ୍ରଚଳନ କଲା ଫ୍ଲେକ୍ସିକ୍ୟାପ ଇଣ୍ଡେକ୍ସ ଫଣ୍ଡ୍

**ଭୁବନେଶ୍ୱର,୧୦।୮ (ମହାଭାରତ):** ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ ଗତିଶୀଳ ବିଷୟ ଉପରେ ଆଧାରିତ କେବଳ ଗୁଣାତ୍ମକ ଷ୍ଟକ ଏବଂ ଆକର୍ଷଣୀୟ ମାର୍କେଟ କ୍ୟାପ୍ ଆବଣ୍ଟନକୁ ସମ୍ମିଶ୍ରିତ କରୁଥିବା ଏହି ଧରଣର ପ୍ରଥମ କମ୍ ମୂଲ୍ୟ ବିଶିଷ୍ଟ ଫ୍ଲେକ୍ସିକ୍ୟାପ ରଣକୌଶଳ ଭାବରେ ଡିଏସ୍‌ପି ନିଫ୍‌ଟି ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡ୍ ପ୍ରଚଳନ କରିଛି। ଏହି ଫଣ୍ଡ୍ ଆତ୍ମବିଶ୍ୱାସର ସହିତ ପରିବର୍ତ୍ତନଶୀଳ ଇକ୍ୱିଟି ମାର୍କେଟରେ ଆଗକୁ ବଢ଼ିବାରେ ସହାୟତା କରିବାକୁ ଡିଜାଇନ କରାଯାଇଛି। ବିଶେଷକରି ଗୁଣାତ୍ମକ ସ୍ମଲ୍ ଓ ମିଡକ୍ୟାପ୍‌ରେ ମୂଲ୍ୟାୟନ ଉଚ୍ଚ ଓ ଅପ୍ରତ୍ୟାଶିତ ରହୁଥିବା କାରଣରୁ ଡିଏସ୍‌ପି ନିବେଶକମାନଙ୍କୁ ଏସ୍‌ଆଇପି ପଥ ଅବଲମ୍ବନ କରିବାକୁ ସୁପାରିଶ କରୁଛି। ଏସ୍‌ଆଇପି ନିବେଶକମାନଙ୍କୁ ସମୟକ୍ରମେ ସେମାନଙ୍କର କ୍ରୟ ମୂଲ୍ୟ ହାରାହାରି ସ୍ଥିତରେ ରଖିବା, ଶୀର୍ଷ ସ୍ତର ହାସଲ କରିବା ଆପଦ ହ୍ରାସ କରିବାରେ ସହାୟତା କରିବା ସହିତ ଏହି ଫଣ୍ଡ୍ ପଛରେ ଥିବା ଦର୍ଶନ ଯଥା: ସମୁଦାୟ ଚକ୍ରରେ ଗୁଣାତ୍ମକ ବ୍ୟବସାୟ ସଂସ୍ଥାଗୁଡ଼ିକରେ ଶୃଙ୍ଖଳିତ ଏବଂ ଦୀର୍ଘସୂତ୍ରୀ ନିବେଶ କରିବା ସହିତ ଏହାର ଉଦ୍ଦେଶ୍ୟ ମେଳ ଖାଉଛି। ନୂତନ ଫଣ୍ଡ୍ ଉଚ୍ଚ ମାନର ଷ୍ଟକଗୁଡ଼ିକ ଚିହ୍ନଟ କରିବା, ଲାର୍ଜ, ମିଡ୍ ଏବଂ ସ୍ମଲ କ୍ୟାପ୍‌ଗୁଡ଼ିକରେ ଶୀର୍ଷସ୍ତରର ପାଣ୍ଠି ଆବଣ୍ଟନକୁ ସ୍ୱୟଂଚାଳିତ କରିବା ଏବଂ ଏସବୁ ନିମ୍ନ ଖର୍ଚ୍ଚରେ ସମ୍ପାଦନ କରିବା ଆଦି ଇକ୍ୱିଟି ନିବେଶକମାନେ ସମ୍ମୁଖୀନ ହେଉଥିବା ଚାଲେଞ୍ଜଗୁଡ଼ିକ ପ୍ରତି ଦୃଷ୍ଟିଦେଉଛି। ନିଫ୍‌ଟି୫୦୦ ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦କୁ ପ୍ରତିବିମ୍ବିତ କରୁଥିବା ଏହି ଫଣ୍ଡ୍ -୧୦ଟି ଲାର୍ଜ, ମିଡ୍ ଏବଂ ସ୍ମଲ କ୍ୟାପ୍ କମ୍ପାନୀଗୁଡ଼ିକ ମଧ୍ୟରୁ ୩୦ଟି ମୂଳଦୁଆ ସ୍ତରରୁ ମଜଭୁତ କମ୍ପାନୀ ଚିହ୍ନଟ କରିବାକୁ ଗୁଣାତ୍ମକ ବିଷୟଗୁଡ଼ିକୁ ବ୍ୟବହାର କରୁଛି ଏବଂ ପ୍ରତ୍ୟେକ ବିଭାଗ ମଧ୍ୟରେ ଷ୍ଟକଗୁଡ଼ିକୁ ସମାନ ଗୁରୁତ୍ୱ ପ୍ରଦାନ କରୁଛି। ଉଚ୍ଚ ଆରଓଇଏସ୍, କମ୍ ଋଣ ଏବଂ ମଜଭୁତ ଉପାର୍ଜନ ଅଭିବୃଦ୍ଧି ଭଳି ସୂଚକଗୁଡ଼ିକ ଦ୍ୱାରା ଗୁଣାତ୍ମକ ଦିଗ ପରିଚାଳିତ ହେଉଛି। ଏଥିସହିତ ଇଣ୍ଡେକ୍ସ ତୁଳନାତ୍ମକ ପ୍ରଦର୍ଶନ ସାମର୍ଥ୍ୟ ଆଧାରରେ ୩ଟି ବିଭାଗ ମଧ୍ୟରେ ଆବଣ୍ଟନ କରିବା ନିମନ୍ତେ ଫ୍ଲେକ୍ସକ୍ୟାପ ଗତିଶୀଳତାକୁ ପରିଚାୟକ ଭାବରେ ବ୍ୟବହାର କରୁଛି। ଏହା ନିଜର ୨୦୦ ଦିନ ଗତିଶୀଳ ହାରାହାରି ସହିତ ଲାର୍ଜ ଓ ତୁଳନୀୟ ସ୍ମଲ୍ ଓ ମିଡ୍‌କ୍ୟାପ (ଏସଏମଆଇଡି) ର ଅନୁପାତକୁ ନେଇ ଏକ ସ୍ପଷ୍ଟ ନିୟମ-ଆଧାରିତ ସଙ୍କେତ ଆଧାରରେ ଏହା କରାଯାଉଛି।

# ସାମସଙ୍ଗ ସଲଭ ଫର ଟୁମୋରୋ ୪୦ଟି ସେମି-ଫାଇନାଲିଷ୍ଟ ଦଳର ଘୋଷଣା

**ଭୁବନେଶ୍ୱର,୧୦।୮ (ମହାଭାରତ):** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ଜାତୀୟ ସ୍ତରର ୪୦ଟି ସେମି-ଫାଇନାଲିଷ୍ଟ ଦଳର ସମଗ୍ର ଦେଶରେ ଚାଲିଥିବା ୪ର୍ଥ ସଂସ୍କରଣ ନିମନ୍ତେ ସଟଲିଷ୍ଟ ସହିତ ସାମସଙ୍ଗ ସଲଭ ଫର ଟୁମୋରୋ ନିମନ୍ତେ ଯୁବ ନୂତନ ପ୍ରବର୍ତ୍ତକଙ୍କ ପ୍ରତିଯୋଗୀତା ଘୋଷଣା କରିଛି। ଏହି ଦଳ ଗୁଡ଼ିକ ବର୍ତ୍ତମାନ ପରବର୍ତ୍ତି ପର୍ଯ୍ୟାୟ ପାଇଁ ପ୍ରତିଯୋଗୀତା ନିମନ୍ତେ ଆଗେଇବା ସହିତ ସେମାନେ ମେଂଟରସିପ, ପ୍ରୋଟୋଟାଇପିଙ୍ଗ ସମର୍ଥନକାରୀ ଏବଂ ନୂତନ ପ୍ରବର୍ତ୍ତକ ମାନଙ୍କୁ ସଠିକ୍ ମଂଚରେ ଗ୍ରହଣ କରିବା ସହିତ ସେମାନଙ୍କର ସାମାଜିକ ପ୍ରଭାବକୁ ଅଧିକ ବିକଶିତ କରିବା ଦିଗରେ ସେମାନଙ୍କ ଧାରଣାକୁ ଗ୍ରହଣଯୋଗ୍ୟ କରିପାରିବେ। ଚଳିତ ବର୍ଷ ଏହି ସେମି-ଫାଇନାଲିଷ୍ଟ ମାନେ ଏକ ଅଭୁତପୂର୍ବ ଭୌଗୋଳିକ ବିବିଧତାର ପ୍ରତିନିଧିତ୍ୱ କରିବା ସହିତ ଏଥିରେ ଅଂଶଗ୍ରହଣ କରିଛନ୍ତି ୧୫ଟି ଭାରତୀୟ ରାଜ୍ୟର ପ୍ରତିନିଧି ଯେଉଁମାନେ କି ଦେଶର ଦୂରଦୂରାନ୍ତ ପ୍ରାନ୍ତରରୁ ଏଥିରେ ସାମିଲ ହୋଇଛନ୍ତି ଯାହା ମଧ୍ୟରେ ରହିଛି କଚାର (ଆସାମ), ବାଘପାଟ (ଉତର ପ୍ରଦେଶ), ମହାବୁବନଗର (ତେଲେଙ୍ଗାନା), ଦୁର୍ଗ (ଛତିଶଗଡ଼) ଏବଂ ସୁନ୍ଦରଗଡ଼ (ଓଡ଼ିଶା)ର ପ୍ରତିନିଧି ମଣ୍ଡଳୀ। ଏହି କାର୍ଯ୍ୟକ୍ରମ ସେହି ଯୁବ ପରିବର୍ତନକାରୀଙ୍କ ମଧ୍ୟରେ ବିଜୟର ଆଶାକୁ ଦେଶ ମଧ୍ୟରେ ଆହୁରି ଆଗକୁ ବଢ଼ାଇବା ସହିତ, ସେମାନଙ୍କୁ ବାସ୍ତବ ଦୁନିଆରେ ରହିଥିବା ଆହ୍ୱାନ ସହିତ ଜ୍ଞାନକୌଶଳ ତଥା ନବୀନତାର ଶକ୍ତି ଜରିଆରେ ଅଧିକ ସକ୍ଷମ କରାଇବାର ଆଶା ସଂଚାର କରାଇପାରିଛି।

# ଜେନେରାଲି ଗ୍ରୁପ୍ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିଜର ଯୁଗ୍ମ ଉଦ୍ୟୋଗ ପାଇଁ ନୂତନ ବ୍ରାଣ୍ଡ ପରିଚୟ

**ଭୁବନେଶ୍ୱର,୧୦।୮ (ମହାଭାରତ):** ଜେନେରାଲି ଗ୍ରୁପ୍ ଏବଂ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଜି ନିଜର ଜୀବନ ଏବଂ ସାଧାରଣ ବୀମା ଯୁଗ୍ମ ଉଦ୍ୟୋଗ - ଜେନେରାଲି ସେଣ୍ଟ୍ରାଲ୍ ପାଇଁ ଏକ ନୂତନ ବ୍ରାଣ୍ଡ ପରିଚୟ ଘୋଷଣା କରିଛନ୍ତି। ଏହି ନୂତନ ବ୍ରାଣ୍ଡନାମ - ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ଏବଂ ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ - ଜେନେରାଲି ଗ୍ରୁପର ବିଶ୍ୱସ୍ତରୀୟ ବିଶେଷଜ୍ଞତା ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ବିଶ୍ୱସନୀୟ ଐତିହ୍ୟକୁ ଏକାଠି କରିଛି। ଗ୍ରାହକମାନେ ଯାହାକୁ ଅଧିକ ଗୁରୁତ୍ୱ ଦିଅନ୍ତି ଏବଂ ତାହାକୁ ସୁରକ୍ଷା ଦେବା ପାଇଁ ପ୍ରତିନିଧିତ୍ୱ କରନ୍ତି: ସେମାନଙ୍କ ପରିବାର, ସେମାନଙ୍କର ସ୍ୱାସ୍ଥ୍ୟ, ସେମାନଙ୍କର ସମ୍ପତ୍ତି ଏବଂ ସେମାନଙ୍କର ଭବିଷ୍ୟତ। ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ଏମଡି ଏବଂ ସିଇଓ ଶ୍ରୀ ଆଲୋକ ରୁଙ୍ଗଟା କହିଛନ୍ତି ଯେ "ଆମର ନୂତନ ବ୍ରାଣ୍ଡ ପରିଚୟ ସହିତ, ଜେନେରାଲି ସେଣ୍ଟ୍ରାଲ ଲାଇଫ୍ ଇନସ୍ୟୁରାନ୍ସ ଭବିଷ୍ୟତ ପାଇଁ ପ୍ରସ୍ତୁତ, ଗ୍ରାହକ-ପ୍ରଥମ ଜୀବନ ବୀମାକର୍ତ୍ତା ହେବାର ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ଆମର ରଣନୈତିକ ଭାଗିଦାରୀ ଭାରତରେ ସୁରକ୍ଷା ଏବଂ ବୀମାର ଦୃଶ୍ୟକୁ ନୂତନ ରୂପ ଦେବା ପାଇଁ ପରିବର୍ତ୍ତନଶୀଳ ସମ୍ଭାବନାଖୋଲିଛି । ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭୀର ବିଶ୍ୱାସ ଏବଂ ୪,୫୦୦ରୁ ଅଧିକ ଶାଖାର ବିସ୍ତୃତ ନେଟୱାର୍କ ସହିତ ୫୦ରୁ ଅଧିକ ଦେଶରେ ଜେନେରାଲି ଗ୍ରୁପର ବୈଶ୍ୱିକ ଐତିହ୍ୟ ଏବଂ ବୀମା ଦକ୍ଷତାକୁ ମିଶାଇ ଆମେ ଜୀବନ ବୀମାର ଉପଲବ୍ଧତାକୁ ପୂର୍ବ ଭଳି ଗଣତାନ୍ତ୍ରିକ କରିବାକୁ ପ୍ରସ୍ତୁତ ଅଛୁ ।

# ୧୩ରେ କୃଷକ ମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ବିକ୍ଷୋଭ

**ଭୁବନେଶ୍ୱର,୧୦।୮ (ମହାଭାରତ):** ୧୦ ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିଚ ମଂଚ ସମୂହ ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚାର ସମନ୍ୱୟରେ ଏକ ମିଳିତ ବୈଠକ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆ, ପ୍ରାକ୍ତନ ସାଂସଦଙ୍କ ପୌରାହିତରେ ଟ୍ରମ୍ପଙ୍କ ଶୁଳ୍କ ଧମକ ଏବଂ ଭାରତ -ବ୍ରିଟେନ ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତି (ସି.ଆଇ.ଟି.ଏ) ବିରୁଦ୍ଧରେ ଆସନ୍ତା ୧୩ ତାରିଖରେ ଦେଶ ସାରା ହେବାକୁ ଥିବା ବ୍ୟାପକ ବିକ୍ଷୋଭ କରିବାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନ କରିଛନ୍ତି। ଏହିପରିପ୍ରେକ୍ଷିରେ ଓଡ଼ିଶାରେ ମଧ୍ୟ ପ୍ରତ୍ୟେକ ଜିଲ୍ଲା ସ୍ତରରେ ବ୍ୟାପକ ଅଭିଯାନ କରିବା ଲାଗି ଆଜିର ବୈଠକରେ ସ୍ଥିର କରାଯାଇଛି। ଏହି ବୈଠକରେ ଅମେରିକା ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବା, ରୁଷ ସହିତ ତୈଳ ବାଣିଜ୍ୟ ଚୁକ୍ତି ପାଇଁ ଦଣ୍ଡନୀୟ ଟିକସ ଲାଗୁ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକକୁ ଦୃଢ଼ ନିନ୍ଦା କରିଛନ୍ତି। କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଏସ୍.କେ.ଏମ୍. ଜାତୀୟସାର୍ବଭୌମତ ରକ୍ଷା ଏବଂ କର୍ପୋରେଟ ଲୁଟ ବନ୍ଦ କରିବା ପାଇଁ ଏକତ୍ରିକ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଅଗଷ୍ଟ ୧୩ ତାରିଖରେ ୨୦୨୫ମସିହାରେ ଦେଶବ୍ୟାପୀ ପ୍ରତିରୋଧ ଦିବସରେ ସାମିଲ ହେବାକୁ ସମସ୍ତ କୃଷକ, ଶ୍ରମିକ, ଛାତ୍ର ଏବଂ ଦେଶପ୍ରେମୀ ନାଗରିକମାନଙ୍କୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସଂଯୁକ୍ତ କିଷାାନ ମୋର୍ଚ୍ଚା ଆହ୍ୱାନ ଦେଇଛନ୍ତି। ବିଭିନ୍ନ ଅଣସଂଗଠନ ଏଥିରେ ଭାଗ ନେଇମୋଟର ସାଇକେଲ ରାଲି, ଜନସମାଗମ, ପ୍ରତିବାଦ ବିକ୍ଷୋଭ ଆଦି କରିବାକୁ ଦାବି କରିବା ପାଇଁ ଡାକରା ଦିଆଯାଇଛି।

ଆଜିର ଏହି ବୈଠକରେ ସଂଯୁକ୍ତ କିଷାନ ମୋର୍ଚ୍ଚା ବୈଠକ ପକ୍ଷରୁ ସୁରେଶ ପାଣିଗ୍ରାହି, ଅଶୋକ ପ୍ରଧାନ, ଜମେଶ୍ୱର ସାମନ୍ତରାୟ, ଅଭିରାମ ବେହେରା ଉପସ୍ଥିତ ଥିଲାବେଳେ, କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ବିଜୟ ଜେନା, ଦୁଷ୍ମନ୍ତ ଦାସ, ମହେନ୍ଦ୍ର ପରିଡା, ଜୟସେନ ମେହେର, ଜ୍ୟୋତିରଞ୍ଜନ ମହାପାତ୍ର, ବି.ଏନ୍.ମହାପାତ୍ର, ବଂଶିଧର ପରିଡା, ନିରଞ୍ଜନ ମହାନ୍ତି ଓ କିଷାନ କଂଗ୍ରେସ ପକ୍ଷରୁ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ରହି ୧୩ ଅଗଷ୍ଟ କର୍ପୋରେଟ ଲୁଟ୍ ବିରୁଦ୍ଧରେ ଅଭିଯାନକୁ ସଫଳ କରିବା ଲାଗି ନିଷ୍ପତି ନିଆଯାଇଥିଲା।

# ପିସିସି ପକ୍ଷରୁ ପବିତ୍ର କ୍ରାନ୍ତି ଦିବସ ପାଳିତ

**ଭୁବନେଶ୍ୱର,୧୦।୮ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସକମିଟି ପକ୍ଷରୁ ପବିତ୍ର ଅଗଷ୍ଟ ୯ କ୍ରାନ୍ତି ଦିବସଭୁବନେଶ୍ୱରକଂଗ୍ରେସଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଭୁବନେଶ୍ୱର କଳ୍ପନା ଛକ ଠାରେ ପ୍ରଦେଶ କଂଗ୍ରେସ ସଭାପତ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ରାଜ୍ୟ ସଂଗ୍ରହାଳୟ ସମ୍ମୁଖସ୍ଥ ସହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ପରେକଂଗ୍ରେସଭବନ ପରିସରରେ ପିସିସିସଭାପତିଶ୍ରୀ ଦାସଏବଂ ଅନ୍ୟ ସମସ୍ତନେତୃବୃନ୍ଦ ମହାମନିଷୀ ମାନଙ୍କର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରନ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ରାମଚନ୍ଦ୍ର ଖୁଣ୍ଟିଆ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଶୁଭେନ୍ଦୁ ମହାନ୍ତି, ବିଶ୍ୱଜିତ ଦାଶ, ଅଭୟ ସାହୁ, ମନୋରନ ଦାଶ, ଜ୍ୟୋତିଷ ସାହୁ, ରଜନୀମହାନ୍ତି, ଜୟଶ୍ରୀ ପଟ୍ଟନାୟକ, ଅରବିନ୍ଦ ଦାସ, ମାନସ ରନ ଆଚାର୍ଯ୍ୟ, ସୁଶାନ୍ତ ତ୍ରିପାଠୀ, ମନୋରନ ରାଉତରାୟ, ଶଷିଭୁଷଣ ପଣ୍ଡା, ଅବଦୁଲ ସଲାମ, ଭାସ୍କରସେଠୀ, ମିହିର ଆଚାର୍ଯ୍ୟ, ଏମଡି ସାହାଦୁଲ୍ଲା, ଲିଙ୍ଗରାଜ ସାହୁ, ରାଜକିଶୋରବାରିକ, ପ୍ରଶାନ୍ତ ଚମ୍ପତି, ବିଜୟ ଦ୍ୱିବେଦୀ, ସୁଭାଷ ପ୍ରଧାନ, ତରୁଣମିଶ୍ର, ହିମାଂଶୁଲେଙ୍କା, ମନୋଜସାହୁ, ମଦନ ମୋହନ ମାଝୀ, ଖଗେଶ୍ୱରମଲ୍ଲିକ, ପ୍ରଶନ୍ନ ପାଇକରାୟ, ବସନ୍ତ ପଣ୍ଡା, ରନ ଭୋଇ, ଅକ୍ଷୟ ମୁଦୁଲି, ଅଜିତା କର ପ୍ରମୁଖ ଅଂଶଗ୍ରହଣ କରିଥିଲେ।



## ମାଓବାଦୀଙ୍କୁ ନିପାତ

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାରର ଏକ ବଡ଼ ସଫଳତା ହେଲା, ଦେଶରେ ବାମପନ୍ଥୀ ଉଗ୍ରବାଦୀ ସଙ୍ଗଠନ ବା ମାଓବାଦୀଙ୍କୁ ନିପାତ କରିବାରେ ସୁରକ୍ଷା ବାହିନୀ ସଫଳତା ହାସଲ କରିଛି। ମାଓବାଦୀମାନେ ଯେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଛନ୍ତି, ସେ କଥା ନୁହେଁ। ସେମାନେ ଏବେ ବି ଅନେକ ରାଜ୍ୟରେ ସକ୍ରିୟ ଅଛନ୍ତି ଏବଂ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି। କିନ୍ତୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ, ମାଓବାଦୀମାନେ ଏବେ ଆତ୍ମରକ୍ଷା ଲାଗି ସଂଘର୍ଷ କରୁଛନ୍ତି। ନିଜର ସ୍ଥିତି ଜାହିର କରିବାକୁ ସେମାନେ ମଝିରେ ମଝିରେ ନିରୀହ, ନିରସ୍ତ୍ର ବ୍ୟକ୍ତିଙ୍କୁ ହତ୍ୟା କରୁଛନ୍ତି ଏବଂ ବିସ୍ଫୋରଣ କରୁଛନ୍ତି। କିନ୍ତୁ ସେମାନଙ୍କ ସଙ୍ଗଠନ ଦୁର୍ବଳ ହୋଇଛି, ସଶସ୍ତ୍ର ବାହିନୀର ଘନ ଘନ ଆକ୍ରମଣରେ ସେମାନେ ପଳାୟନପନ୍ଥୀ ବୋଲି କହିଲେ ଭୁଲ ହେବ ନାହିଁ। ମହାରାଷ୍ଟ୍ରର ଗଡ଼ ଚିରୋଲି ହେଉ ଅଥବା ଛତିଶଗଡ଼ର ବସ୍ତର ଉପତ୍ୟକା ସବୁଠି ମାଓବାଦୀଙ୍କୁ ଦମନ କରିବା ଲାଗି ସୁରକ୍ଷା ବାହିନୀ ସ୍ୱତନ୍ତ୍ର ରଣନୀତି କାର୍ଯ୍ୟକାରୀ କରୁଛି। ମାଓବାଦୀ ସଙ୍ଗଠନ ପକ୍ଷରୁ ମଧ୍ୟ ଏହା ସ୍ୱୀକାର କରାଯାଇଛି। ନିର୍ବାଚନ ପୂର୍ବରୁ ମାଓଦମନ ଅଭିଯାନ ତ୍ୱରାନ୍ୱିତ ହୋଇଛି। ମାତ୍ର ୧୫ ଦିନରେ ୫୦ ମାଓବାଦୀ ନିହତ ହୋଇଥିବା ସଙ୍ଗଠନ ପକ୍ଷରୁ ସ୍ୱୀକାର କରାଯାଇଛି। ଅନେକ ସ୍ଥାନରୁ ସୁରକ୍ଷା ବାହିନୀ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ କରିଛି। ଅନେକ ସ୍ଥାନରେ ମାଓବାଦୀ ଖଞ୍ଜିଥିବା ବିସ୍ଫୋରକକୁ ଅଚଳ କରିଦିଆଯାଇଛି। ମାଓବାଦୀଙ୍କୁ ସୁରକ୍ଷା କର୍ମୀ ଗୋଡ଼ାଇଥିବା ବେଳେ ସେମାନେ ପଳାୟନ କରୁଛନ୍ତି। ଆଦିବାସୀ ମାନେ ଆଉ ମାଓବାଦୀଙ୍କୁ ସମର୍ଥନ କରୁନାହାଁନ୍ତି। ସେମାନେ ସତ କ'ଣ ଜାଣି ସାରିଲେଣି। ସେଥିପାଇଁ ଅନେକ ମାଓ କ୍ୟାଡର ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଅନେକ ମାଓ ସମର୍ଥକ ପୋଲିସକୁ ସହାୟତା ଲାଗି ସାହସର ସହିତ ଆଗେଇ ଆସିଛନ୍ତି। ଏବେ ସାଧାରଣ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି ଯେ, ମାଓବାଦୀମାନେ ଆଉ ସେମାନଙ୍କୁ ଭୟଭୀତ କରିପାରିବେ ନାହିଁ, ସେମାନଙ୍କ ପଛରେ ସୁରକ୍ଷା କର୍ମୀ ଅଛନ୍ତି। ମାଓଦମନରେ ଏହି ସଫଳତାର ଶ୍ରେୟ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ମିଳିବା ଉଚିତ। କିନ୍ତୁ ଏହାର ସର୍ବାଧିକ ଶ୍ରେୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ମିଳିବା ଉଚିତ। ମାଓଦମନ ଲାଗି ସ୍ୱତନ୍ତ୍ର ରଣନୀତି, ଘନ ଘନ ବୈଠକ, ମାଓ ଉପଦ୍ରୁତ ଇଲାକାରେ ଅଧିକ କେନ୍ଦ୍ରୀୟ ସୁରକ୍ଷା କର୍ମୀ ମୁତୟନ, ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଯନ୍ତ୍ରପାତି ଏବଂ ଯାନବାହନ ବ୍ୟବହାର ସହିତ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଦ୍ୱାରା ଆଜି ଭାରତରେ ମାଓବାଦୀ ସଙ୍ଗଠନ ଗୁଡ଼ିକ ଏକପ୍ରକାର ବିଲୁପ୍ତ ହେବାକୁ ବସିଛି। ମାନବାଧିକାର ସଙ୍ଗଠନ ଗୁଡ଼ିକ କେନ୍ଦ୍ରର ମାଓଦମନ ଅଭିଯାନକୁ ବିରୋଧ କରୁଥିଲେ ମଧ୍ୟ ସାଧାରଣ ଲୋକ ଏହାକୁ ସମର୍ଥନ କରୁଛନ୍ତି। ଗତ ୧୦ ବର୍ଷ ଭିତରେ ତଥାକଥିତ ବୁଦ୍ଧିଜୀବୀ, ମାନବାଧିକାର କର୍ମୀ ଏବଂ ମାଓ ସମର୍ଥକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନେକଙ୍କୁ ଗିରଫ କରାଯାଇଛି। ସେମାନେ ପ୍ରତ୍ୟକ୍ଷ ଭାବେ ହିଂସାରେ ସମ୍ପୃକ୍ତ ନଥିଲେ ମଧ୍ୟ ମାଓବାଦୀଙ୍କୁ ସମର୍ଥନ ଏବଂ ଉତ୍ସାହିତ କରୁଛନ୍ତି। ସେମାନେ ସାଧାରଣ ମାଓ କ୍ୟାଡରଙ୍କଠାରୁ ଅଧିକ ମାରାତ୍ମକ ଏବଂ ବିପଜ୍ଜନକ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିହାତି ଜରୁରୀ ଥିଲା। ୨୦୧୬ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରିକରଣ ଥିଲା ମାଓ ଦମନ ଅଭିଯାନର ପ୍ରଥମ ପଦକ୍ଷେପ। ଏହା ଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଥିଲା। ଜଙ୍ଗଲରେ ଗଞ୍ଜେଇ ଚାଷ କରି ସେମାନେ ବିପୁଳ ଅର୍ଥ ରୋଜଗାର କରୁଥିଲେ। ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଏହାକୁ ଅନେକାଂଶରେ ରୋକାଯାଇଛି। ମାଓବାଦୀଙ୍କୁ ମିଳୁଥିବା ଅସ୍ତ୍ରଶସ୍ତ୍ର ଏବଂ ଆର୍ଥିକ ସହାୟତାକୁ ରୋକାଯାଇଛି।

## ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

॥ ଯୁଧିଷ୍ଠିର ମହାରଣା ॥

> ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା।

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ଫରଫର୍ମିଂ ଆସେଟ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା। ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ। ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଚିନ୍ତନରେ ଦେବଭାଷା ସଂସ୍କୃତ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପ୍ତତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ । ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା । ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି । ଏହି ଭାଷା ଏବେ ବିଲୁପ୍ତ ପ୍ରାୟ । ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧରେ ସୀମିତ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାତ୍ତୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ । ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି । ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼ । ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାତ୍ତୁର୍ ଗାଁକୁ । ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ । ସ୍ଥାନୀୟ ଲୋକେ ମଧ ଆଗ୍ରହରେ ତାହା ଗ୍ରହଣ କଲେ । ଏମିତି ଜଣେ ଅନ୍ୟକୁ ଶିଖାଇଲା । ପିଲାମାନେ ବି ଶିଖିଲେ । କିଛି ବର୍ଷ ମଧରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ । ମାତ୍ତୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି । ପୁଣି ମଧ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ । ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି ।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି । ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡ୍ୟୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି । ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ । ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ । ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ । ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ । ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି । ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି । ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍ । ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା । ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି । ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା । ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ । ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ । ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି । କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ । ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ । ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା । ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – 'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନର୍ଭର କରେ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଦ୍ରୁତ ଗତିରୁ ହିଁ ବଡ଼ ସଡ଼କ ଦୁର୍ଘଟଣା

॥ ଅଭୟ କୁମାର ଦାସ ॥

ଦ୍ରୁତଗତି ମହାବିପତ୍ତି। ଦ୍ରୁତଗତିରେ ଗାଡ଼ି ଚାଳନା କଲେ ଦୁର୍ଘଟଣା ନିଶ୍ଚିନ୍ତ ଓ ଜୀବନ ସଙ୍କଟାପନ୍ନ ସୁନିଶ୍ଚିତ। ତେବେ ଏନେଇ ରାଜ୍ୟ ସରକାର ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି ଓ ଓଡ଼ିଶା ଏକ ଦୁର୍ଘଟଣା ପ୍ରବଳ ରାଜ୍ୟ ହୋଇଥିଲେ ବି ସରକାରଙ୍କ ବ୍ୟାପକ ସଚେତନତା ପାଇଁ କିଛିକାଂଶରେ ଦୁର୍ଘଟଣା ହ୍ରାସ ପାଉଛି। ନିକଟରେ ଏକ ସରକାରୀ ପରିସଂଖ୍ୟନର ତଥ୍ୟ ଅନୁଯାୟୀ ଦ୍ରୁତଗତିରୁ ଓଡ଼ିଶାରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଛି। ଗଲା ୧୦ ବର୍ଷ ରାଜ୍ୟରେ ପ୍ରାୟ ୪୫ ହଜାର ବ୍ୟକ୍ତିଙ୍କ ମୁଣ୍ଡ ଗଡ଼ିଲାଣି। ଯେଉଁଥିରୁ ୭୦% ହେଉଛନ୍ତି ଯୁବପିଢ଼ି। ଦୁର୍ଘଟଣାପ୍ରବଣ ଜିଲ୍ଲା ହେଉଛି ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା। ଦୁର୍ଘଟଣାର ଏହି ବର୍ଦ୍ଧିତ ଗ୍ରାଫକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଚିନ୍ତା ପ୍ରକଟ କରିଛନ୍ତି। ସଡ଼କ ସୁରକ୍ଷାଜନିତ ଯୋଜନା, ସଚେତନତା ଓ ଅଭିଯାନକୁ ଆହୁରି କ୍ରିୟାଶୀଳ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମିଳିଛି।

ନିକଟରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଆମ ଦେଶର ମୋଟରଯାନ ସଂଖ୍ୟା ସାରା ବିଶ୍ୱ ତୁଳନାରେ ମାତ୍ର ଏକ ପ୍ରତିଶତ। କିନ୍ତୁ ସର୍ବାଧିକ ୧୧ ଭାଗ ସଡ଼କ ଦୁର୍ଘଟଣା ଆମ ଦେଶରେ ଘଟୁଛି। ୨୦୨୨ରେ ୧.୪ ଲକ୍ଷ ଲୋକ ଦୁର୍ଘଟଣାରୁ ମରିଥିଲେ। ପ୍ରତି ଘଣ୍ଟାରେ ହାରାହାରି ୧୬ଜଣଙ୍କ ମୁଣ୍ଡ ଗଡୁଛି। ଚିନ୍ତାର ବିଷୟ ଯେ ଓଡ଼ିଶାରେ ଶହେ ଦୁର୍ଘଟଣାରୁ ୪୮ ଜଣ ମରୁଥିବା ବେଳେ ଜାତୀୟ ସ୍ତରରେ ଏହା ୩୬ରେ ସୀମିତ। ୨୦୨୩ ଜାନୁୟାରୀରୁ ଜୁନ ଭିତରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବଢ଼ିଛି। ୨୦୨୩ରେ ୬୨୭୨ ଦୁର୍ଘଟଣାରୁ ୨୯୯୧ ଜଣଙ୍କ ପ୍ରାଣ ଯାଇଥିବାବେଳେ ୨୦୨୨ ମୋଟ ୨୮୪୯ ଜଣ ମରିଥିଲେ। ୨୦୨୨ ମସିହାରେ ୫୪୬୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ହେଲମେଟ ନ ପିନ୍ଧିବାରୁ ୧୬୯୫ ଜଣ ବାଇକ ଆରୋହୀଙ୍କ ପ୍ରାଣ ଯାଇଛି। ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ପାଇଁ ୧୪୫ କୋଟି ଟଙ୍କାର ବଜେଟ ବନାଯାଇଛି। ରାସ୍ତା ପାର୍ଶ୍ୱ ଗ୍ରାମାଞ୍ଚଳରୁ ଅତିକମରେ ୧୦ଜଣ ବ୍ୟକ୍ତିଙ୍କୁ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ବିଶେଷଜ୍ଞମାନେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଆବଶ୍ୟକ। ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଢ଼ାଯାଇଛି। ସେମାନଙ୍କୁ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ଦିଆଯାଉଛି। ବ୍ଲାକ ସ୍ପଟକୁ ସର୍ଭେ କରାଯାଇ ତ୍ରୁଟି ସୁଧରାଯାଉଛି। ରୋଡ଼ ସାଇନେଜ ଅଡ଼ିଟ କରାଯାଉଛି। ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନାରେ ଇ-ଡିଟେକ୍ସନ ଯୋଗେ ଅମାନିଆ ସାବାଡ଼ ହେଉଛନ୍ତି। ସିସିଟିଭି ସଂଯୋଗ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ହେଉଛି।

ପରିବହନ ଆୟୁକ୍ତଙ୍କ କହିବାନୁଯାୟୀ ୨୦୨୩ ଜାନୁଆରୀରୁ ଜୁନ ଭିତରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯୭ଟି ଦୁର୍ଘଟଣା ଘଟିଛି। ସୁନ୍ଦରଗଡ଼ରେ ୪୫୩, କଟକରେ ୪୦୪, କେନ୍ଦୁଝରରେ ୪୦୩, ଗଞ୍ଜାମରେ ୩୮୬ ଦୁର୍ଘଟଣା ହୋଇଛି। ଯାନବାହନର ଅତ୍ୟଧିକ ବେଗ, ନିଶାସକ୍ତ ହୋଇ ଗାଡ଼ିଚାଳନା, ବିପରୀତ ପାର୍ଶ୍ୱରେ ଗାଡ଼ି ଚାଳନା, ମୋବାଇଲ ଫୋନ ଧରି ଗାଡ଼ି ଚଳାଇବାରୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ଏହାର ଦୁଇଗୁଣା ଆହତ ହେଉଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ମୃତାହତଙ୍କ ସଂଖ୍ୟା ମଧ ଅଧିକ। ସହର ଭିତରେ ଥିବା ଛକ ଭଳି ରାଜପଥରେ ଟ୍ରାଫିକ ନିୟମ ଉଲ୍ଲଘଂନକାରୀଙ୍କୁ ଅଟକାଇ ଯାଞ୍ଚ କରିବା ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସୂଚନା ପ୍ରଯୁକ୍ତିକୁ ଉପଯୋଗ କରି ରାଜପଥ ଉପରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।

ଗୋତରା, ମାହାଙ୍ଗା, କଟକ



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ପୁରପଲ୍ଲୀରେ ପାଳନ ହେଲା ରାକ୍ଷୀ ପୂର୍ଣ୍ଣିମା



ନୟାଗଡ଼, (ମହାଭାରତ) : ନୟାଗଡର ସହର ଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମରେ ଆଡ଼ମ୍ବର ସହକାରେ ପାଳିତ ହୋଇଛି ରାକ୍ଷୀ ପୂର୍ଣ୍ଣିମା ସହ ଗହ୍ମାପର୍ବ। ଭାଇ ପାଇଁ ଦିନଟିଏ ଥିବାରୁ ଭଉଣୀ ମାନେ ଭାଇର ଶୁଭମନାସୀ ହାତରେ ରାକ୍ଷୀ ବାନ୍ଧିଥିଲେ। ସେହିପରି ମଧ୍ଧ ଭଉଣୀ ହାତରୁ ଭାଇ ରାକ୍ଷୀ ବାନ୍ଧି ସଦା ସର୍ବଦା ଭଉଣୀ ବିପଦ ଆପଦରୁ ରକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦେଇଥାଏ। ଏହି ଭାଇ ଭଉଣୀ ଙ୍କ ସେନେହ ର ଡୋରି ର ପର୍ବ ରେ ଆଜି ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠିଛି। ପୁରପଲ୍ଲୀରେ ପିଠାପଣାର ଆସର ମଧ୍ୟରେ ପାଳିତ ହୋଇଥିଲା ଏହି ଗଣପର୍ବ । ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ବିଭିନ୍ନ ଦେବାଦେବୀଙ୍କ ପୀଠରେ ରାକ୍ଷୀ ପୂର୍ଣ୍ଣିମା ସହ ବଳରାମଙ୍କର ଜନ୍ମୋତ୍ସବ ଆଡ଼ମ୍ବର ଭାବେ ପାଳିତ ହୋଇଯାଇଛି। ଅନ୍ୟପକ୍ଷରେ, ବିଭିନ୍ନ ଗ୍ରାମରେ ଗହ୍ମାପୂର୍ଣ୍ଣିମା ଅବସରରେ କୃଷକ ମାନେ ସକାଳୁ ଗୃହପାଳିତ ଗାଈ ଓ ବଳଦଙ୍କୁ ପୂଜାର୍ଚ୍ଚନାର ପରମ୍ପରା ରହିଛି। ହଳମୂଷଳ ଧାରଣ କରିଥିବା ପ୍ରଭୁ ବଳଭଦ୍ରଙ୍କ ଜନ୍ମତିଥି ଥିବାରୁ କୃଷକ ମାନେ ସକାଳୁ ଗୃହପାଳିତ ତ ଗାଈବଳଦଙ୍କୁ ସେମାନଙ୍କୁ ଗାଧୋଇଦେବା ସହ ଫୁଲଚନ୍ଦନ ଦେଇ ସଜାଇଥିଲେ। ବିଭିନ୍ନ ପ୍ରକାର ପ୍ରକାରର ରାଖୀ ଶିଙ୍ଗରେ ପିନ୍ଧାଇବା ସହ ଘରେ ପ୍ରସ୍ତୁତ ପିଠା ଗୋମାତାଙ୍କୁ ଖାଇବାକୁ ନାକୁ ଦିଆଯାଇଥିଲା। ସେହିପରି ଚଳିତବର୍ଷ ବିଭିଓ ଗ୍ରାମରେ ଗହ୍ମାଡିଆଁ ପର୍ବ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ଶ୍ରାବଣ ପୂର୍ଣ୍ଣିମା ତିଥି ଥିବାରୁ ମାନସିକ ବ୍ରତଧାରୀ କାଉଡ଼ିଆଙ୍କର ମାସାଧିକ କାଳ ବ୍ରତର ମଧ୍ଧ ପରିସମାପ୍ତି ଘଟିଛି।

## ଜୟଦେବ ବିକାଶ ମଞ୍ଚ ଆନୁକୂଲ୍ୟରେ ରକ୍ଷା ବନ୍ଧନ ଉତ୍ସବ

ବାଲିପାଟଣା, (ମହାଭାରତ) : ପବିତ୍ର ରାଖୀ ପୂର୍ଣମୀ ଅବସରରେ ସିଦ୍ଧି ବିନାୟକ ଋରି ଟେବୁଲ ଟ୍ରଷ୍ଟ ଓ ଜୟଦେବ ବିକାଶ ମଞ୍ଚ ଏବଂ ସମ୍ବାଦ ଆମ ଓଡିଶା ମିଳିତ ଆନୁକୂଲ୍ୟରେ ରକ୍ଷା ବନ୍ଧନ ଉତ୍ସବ ଓ ନିଶା ନିବାରଣ କାର୍ଯ୍ୟକ୍ରମ ପାଳନ ହୋଇ ଯାଇଛି ବାଲିପାଟଣା ସ୍ଥିତ ମା' ଗିରିଙ୍ଗେଶ୍ୱରୀଙ୍କ ମନ୍ଦିର ନିକଟରେ ରକ୍ଷା ବନ୍ଧନ ଉତ୍ସବ - ୨୦୨୫ ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ସିଦ୍ଧି ବିନାୟକ ଋରି ଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଫିଲ୍ମ ପ୍ରଯୋଜକ ସତ୍ୟପ୍ରିୟ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ସମାଜ ରୁ ମହିଳାଙ୍କ ସୁରକ୍ଷା ଓ ନିଶା ନିବାରଣ ପାଇଁ ଶପଥ ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ବିକାଶ ମଞ୍ଚ ଉପ ସଭାପତି ତଥା ସମ୍ବାଦ ପ୍ରତିନିଧି ବସନ୍ତ କୁମାର ଦାଶ, ସମ୍ପାଦକ ଅକ୍ଷୟ କୁମାର ସାହୁ , ଉପଦେଷ୍ଟା ପୁଷ୍ପଲତା ବେହେରା , ବିଜୟ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ତ୍ରିପାଠୀ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ରଶ୍ମି ରଞ୍ଜନ ସାହୁ, ପୂର୍ଣ ଚନ୍ଦ୍ର ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ମୁଖି, ଶ୍ରୀଧର ସାହୁ, ରାଜା ପ୍ରଧାନ , ଚିନୁ ଦାସ, ସବିତା ରାଉତରାୟ, ମଉନା ଜେନା, ସବିତା ଜେନା, ପୁଷ୍ପଲତା ଭୋଇ, ମିନୁ ମଲ୍ଲିକ, ସୁକାନ୍ତି ଭୋଇ, ସତ୍ୟଭାମା ମଲ୍ଲିକ, ବିନୋଦିନି ମଲ୍ଲିକ, ଜାନକୀ ଜେନା, ବିଶ୍ୱଜିତ ମହାରଣା ଏବଂ ଅନ୍ୟମାନେ ଯୋଗ ଦେଇଥିଲେ ଅକ୍ଷୟ କୁମାର ସାହୁ ସଭା ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ବାଲିପାଟଣା ଓ ବାଲିଅନ୍ତା ବ୍ଲକର ଭାଇଭଉଣୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ ।

## ୩ଟି କେନ୍ଦ୍ର ସ୍କୁଲରେ ଏବଂ ୬୬ ଟି ଅଙ୍ଗନୱାଡ କେନ୍ଦ୍ର ଭଡା ଘରେ ଚାଲିଛି

ଜୁନାଗଡ଼, (ମହାଭାରତ):ଅଙ୍ଗନୱାଡି କର୍ମୀ ହେଉଛନ୍ତି ଶିଶୁଙ୍କ ପ୍ରଥମ ଗୁରୁ । ଯିଏ କି ନିଜର ପରିବାରକୁ ଜଳାଞ୍ଜଳି ଦେଇ ଅନେକ ଝଡଝଞ୍ଜା ପରେ ମଧ ଜଣେ ମହିଳା ଗର୍ଭବତୀ ସମୟରେ ଓ ପ୍ରସୂତୀ ପରେ ମାଁ ଯତ୍ନ ନେବା ସହ ଜନ୍ମିତ ଶିଶୁର ଯତ୍ନ ସହିତ ସୁରକ୍ଷା ଏବଂ ୩



ବର୍ଷ ପରେ ଶିଶୁର ... ଭବିଷ୍ୟତ ତିଆରି ... କରିବାର ବିନ୍ଧାଣି ... ସାଜିଥାନ୍ତି । ଅନ୍ୟପକ୍ଷରେ ... କିଶୋରୀ ବାଳିକାଙ୍କ ମଧ ରକ୍ଷାକବଚ ସାଜିଥାନ୍ତି । ହେଲେ ତାଙ୍କୁ ମଧ ଏଠାରେ ଅବହେଳା କରାଯାଉଛି । ନିଜସ୍ୱ କେନ୍ଦ୍ର ନଥିବା ଯୋଗୁଁ ଅନେକ ଆଙ୍ଗନୱାଡି କର୍ମୀ କିଏ ଦୋକାନ ଘର, କିଏ ସ୍କୁଲ ବାରଣ୍ଡା ତ ଆଉ କିଏ କ୍ଲବ ଘରେ ଭଡାରେ ଚଳାଇଛନ୍ତି ଅଙ୍ଗନୱାଡି କେନ୍ଦ୍ର । ମୂଳଦୁଆ ଠିକ ନ ଥିବା ବେଳେ ଭବିଷ୍ୟତ କିଭଳି ଗଢ଼ା ହେବ ଶିଶୁଙ୍କ । ଜୁନାଗଡ଼ ଆଇସିଡିଏସ ଅଧୀନରେ ୧୦ ଟି ସେକ୍ଟର ଥିବା ବେଳେ ୨୪୮ ଟି ଅଙ୍ଗନୱାଡି ଅଛନ୍ତି । ଏହି ୨୪୮ କେନ୍ଦ୍ର ମାନଙ୍କରେ ୬ ହଜାର ୭୦୮ ଜଣ ୩ ରୁ ୫ ବର୍ଷର ଶିଶୁ ପାଠ ପଢିବାକୁ ଯାଇଥାନ୍ତି । ସ୍ଥାୟୀ ଅଙ୍ଗନୱାଡି କେନ୍ଦ୍ର ନ ଥିବା ଯୋଗ୍ୟ କିଏ କ୍ଲବ ଘର ତ ଆଉ କିଏ ଦୋକାନ ଘର ତ ଆଉ କିଏ ସ୍କୁଲ ବାରଣ୍ଡାରେ ପାଠ ପଢ଼ାଉଛନ୍ତି । ସେହିଭଳି କେନ୍ଦ୍ର ନ ଥିବା ଯୋଗୁଁ ଅନେକ ଅଙ୍ଗନୱାଡି କର୍ମୀ ଶିଶୁଙ୍କୁ କେବଳ ଖାଇବାକୁ ଦେଇ ଛାଡି ଦେଉଛନ୍ତି, ବର୍ତ୍ତମାନ ଜୁନାଗଡ଼ ବ୍ଲକରେ ୬୬ଟି ଅଙ୍ଗନୱାଡି କେନ୍ଦ୍ର ଭଡା ଘରେ ଚାଲୁଥିବା ବେଳେ ୩ଟି କେନ୍ଦ୍ର ବିଦ୍ୟାଳୟରେ ଚାଲୁଛି। ଅନେକ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ କାହାର ଛାତ ଉପରୁ ସିମେଣ୍ଟ, ଲୁହା ପଡୁଛି ତ କାହାର ଭଗ୍ନ ଅବସ୍ଥାରେ ଅଛି । ସେହିଭଳି ଅନେକ ଅଙ୍ଗନୱାଡି କେନ୍ଦ୍ର ଅଧପନ୍ତରିଆ ଭାବେ ପଡି ରହିଛି । ଯାହା ଫଳରେ କର୍ମୀ ମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ନିଜର ସାମଗ୍ରୀ ରଖିବା ପାଇଁ ମଧ ଜାଗା ନାହିଁ । ଅନେକେ ସମୟରେ ଅଙ୍ଗନୱାଡି କର୍ମୀଙ୍କୁ ସମସ୍ତ ଦାୟିତ୍ୱଭାର ଲଦି ଦିଆଯାଏ । ସିଡିପିଓ କିମ୍ବା ଡିଏସଡବ୍ଲୁ ଅଧିକାରୀଣି ମାନେ ନିଜ ଦୋଷ ଦୁର୍ବଳତାଙ୍କୁ ଲୁଚାଇବା ପାଇଁ ଅଙ୍ଗନୱାଡି କର୍ମୀ ମାନଙ୍କୁ (ବଳି କା ବକ୍ରା) ବନେଇଥାନ୍ତି । ବିଭାଗୀୟ ଅଧିକାରୀଙ୍କ ଅପାରଗତା ଯୋଗୁଁ ମଧ ଏହାର କୌଣସି ସ୍ଥାୟୀ ସମାଧାନ ହେନଥିବା ଯୋଗୁଁ ଉଭୟ ଅଙ୍ଗନୱାଡି ଓ ଶିଶୁଙ୍କ ଉପରେ ଏହି ପ୍ରଭାବ ପଡୁଛି । ଯାହା ଫଳରେ ଆଗାମୀ ଭବିଷ୍ୟତ ଶିକ୍ଷା ଗ୍ରହଣ କରିବା ପୂର୍ବୁ ଦୁସ୍ଥିତି ଆଡ଼କୁ ଗତି କରୁଛି । ତୁରନ୍ତ ରାଜ୍ୟ ସରକାର ଏଦିଗରେ ଠୋସ ପଦକ୍ଷେପ ନେବାକୁ ଦାବୀ ହୋଇଛି ।

## ଜଣେ ଜଣେ ଏସ୍‌ଆଇରେ ଋଲୁଛି ଥାନା ||:

### ଅପରାଧର ତଦନ୍ତ ଭାର ନେବ କିଏ
### ଅଭିଯୋଗକାରୀଙ୍କୁ ମିଳୁନି ତ୍ୱରିତ ନ୍ୟାୟ




ନୟାଗଡ଼, (ମହାଭାରତ) : ନୟାଗଡ଼ ସବ୍-ଡିଭିଜନରେ ପୁଲିସ ଥାନା ଗୁଡ଼ିକ ଚଳାଇବା ମୁସ୍କିଲ ହୋଇପଡ଼ିଲାଣି। ବିଶେଷ କରି ଥାନା ଗୁଡ଼ିକରେ ସବ୍-ଇନ୍ସପେକ୍ଟର (ଏସ୍ଆଇ)ଙ୍କୁ ଦିଆଯାଉଥିବା ନିଯୁକ୍ତିରେ ତାଳମେଳ ରହୁନଥିବା ଯୋଗୁ ବହୁ ସମସ୍ୟା ସୃଷ୍ଟି ହୋଇଛି। ଥାନା ଗୁଡ଼ିକରେ ଏସ୍ଆଇଙ୍କ ସଂଖ୍ୟା ଆବଶ୍ୟକତା ଠାରୁ କମ୍ ରହିଥିବାରୁ ଅଭିଯୋଗକାରୀ ମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ ଏ ଦିଗରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ନୟାଗଡ଼ ଟାଉନ ଥାନାରେ ତିନି ଜଣ, ସଦର ଓ ଇଟାମାଟିରେ ମାତ୍ର ଜଣେ ଲେଖାଏଁ ଏସ୍ଆଇ ରହିଛନ୍ତି। ସଦର ଥାନାରେ ଥିବା ଏସ୍ଆଇ ଆସନ୍ତା ବର୍ଷ ଆରମ୍ଭରୁ ଅବସର ଗ୍ରହଣ କରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେହେତୁ ଏହି ଥାନା ଗୁଡ଼ିକରେ ଏସ୍ଆଇ ରହୁନାହାନ୍ତି, ସେଥିପାଇଁ ମାମଲା ତଦନ୍ତର ଦାୟିତ୍ୱଭାର ଦେବାକୁ ଇନ୍ସପେକ୍ଟର ମାନଙ୍କୁ ବହୁ କସରତ କରିବାକୁ ପଡୁଛି। ନିୟମ ଦୃଷ୍ଟିକୋଣରୁ ଥାନାରେ ଥିବା ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର (ଏଏଆଇ) ମାନେ ଗୁରୁତ୍ୱପୂର୍ଣ୍ଣ ମାମଲା, ଯେମିତିକି ଦୁର୍ଘଟଣାରେ କୌଣସି ଲୋକଙ୍କ ମୃତ୍ୟୁ କିମ୍ବା ଅସଦାଚରଣ, ଦୁଷ୍କର୍ମ, ପକ୍ସୋ ଆଦିର ତଦନ୍ତ ଦାୟିତ୍ୱ ନେଇପାରିବେ ନାହିଁ। କେବଳ ପାଟିତୁଣ୍ଡ, ଗାଳିଗୁଲଜ ଓ ଅନ୍ୟାନ୍ୟ ଛୋଟ ଛୋଟ ମାମଲା ଗୁଡ଼ିକର ସେମାନେ ତଦନ୍ତ କରିପାରିବେ। ନୟାଗଡ଼ର ଟାଉନ, ସଦର ଓ ଇଟାମାଟି ଭଳି ଗୁରୁତ୍ୱପୂର୍ଣ୍ଣ ଥାନାଗୁଡ଼ିକରେ ଏଆଇ ମାନଙ୍କ ଅଭାବର ସମସ୍ୟା ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଏମିତିକି ଗୋଟିଏ ଗୋଟିଏ ମାମଲା ତଦନ୍ତ ଆଦୌ ଆଗେଇ ପାରୁନାହିଁ। ଯେହେତୁ ମାମଲା ଅଧିକ ରହୁଛି, ଏକୁଟିଆ ସମସ୍ତ ଘଟଣାର ତଦନ୍ତ କରିବା ସମ୍ଭବ ହେଉନାହିଁ ବୋଲି ଅଭିଯୋଗକାରୀଙ୍କୁ ପୁଲିସ ଅଧିକାରୀ ମାନେ ଖୋଲାଖୋଲି ଭାବେ କହୁଛନ୍ତି। ଟାଉନ ଥାନାରେ ୫ ଜଣ ସବ୍-ଇନ୍ସପେକ୍ଟରଙ୍କ ଆବଶ୍ୟକ ରହିଥିବା ବେଳେ ସେଠାରେ ତିନି ଜଣ ଅଛନ୍ତିୟ ସେହିପରି ଇଟାମାଟି ଓ ସଦର ଥାନାରେ ତିନି ଜଣ ଲେଖାଏଁ ଏଆଇଙ୍କ ଆବଶ୍ୟକତା ରହିଥିବା ବେଳେ ସେଠାରେ ମାତ୍ର ଜଣେ ଲେଖାଏଁ ରହିଛନ୍ତି। ଫଳରେ ଥାନା ପରିଋଳନାରେ ନାହିଁ ନଥିବା ଅସୁବିଧା ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ରଣପୁର ଥାନା ଅଧୀନରେ ଦର୍ପନାରାୟଣପୁର ଓ ରାଜସୁନାଖଳା ଫାଣ୍ଡିରେ ଏସ୍ଆଇ ଓ ଏଏସ୍ଆଇଙ୍କୁ ମିଶାଇ ମୋଟ୍ ୧୦ ଜଣ ରହିଛନ୍ତି। ଏଣୁ ଜିଲ୍ଲାରେ ଏ କି ପ୍ରକାର ଥାନା ପରିଋଳନା ହେଉଛି, ଏହାକୁ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାହା ସୁପାରିସରେ ହଠାତ ଏସ୍ଆଇଙ୍କ ଅଦଳବଦଳ କରାଯାଉଛି। ବଦଳି ନିଷ୍ପତ୍ତି ନେବା ସମୟରେ ଥାନାରେ ଏସ୍ଆଇଙ୍କ ଅଭାବ, ସେମାନଙ୍କ ନଜରକୁ କାହିଁକି ଆସୁନି ତାହା ବୁଝାପଡୁ ନାହିଁ। ଏ ନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା କୁହନ୍ତି, କମ୍ କର୍ମଋରୀ ଥିବା ଥାନା ଗୁଡ଼ିକ ଅଧୀନରେ ଜଘନ୍ୟ ଅପରାଧ ମାମଲା ଆସିଲେ, ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ଅଧିକାରୀମାନ ଙ୍କୁ ଦାୟିତ୍ୱ ଦିଆଯାଇ ଏହାର ସମାଧାନ କରାଯାଉଛି। ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଓ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ, ଏହାର ସମାଧାନ ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଉଛି। ଯେଉଁ ଯେଉଁ ଥାନା ଗୁଡ଼ିକରେ ଏମିତି ସମସ୍ୟା ସୃଷ୍ଟି ହେଉଛି, ତାହାର ତୁରନ୍ତ ସମାଧାନ କରାଯିବ।

## ହର ଘର ତିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ

କେନ୍ଦୁଝର, (ମହାଭାରତ) : ଜନସାଧାରଣଙ୍କ ମଧ୍ୟରେ ଦେଶଭକ୍ତି ଏବଂ ଜନ ଭାଗୀଦାରୀକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ, ଜିଲ୍ଲା ପ୍ରଶାସନ ପକ୍ଷରୁ ହର ଘର ତିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରୁଛି। ଏହିପରିପ୍ରେକ୍ଷୀରେ ଆଜି କଲେକ୍ଟରେଟ୍ କ୍ୟାମ୍ପସରେ ବିଭିଓ ଅଧିକାରୀ, କର୍ମଋରୀ ଏବଂ ସ୍ୱେଚ୍ଛାସେବକମାନେ ଏକ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜନସାଧାରଣଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ସ୍ୱାଗତଯୋଗ୍ୟ ପରିବେଶ ସୁନିଶ୍ଚିତ କରିଥିଲେ। ଆହୁରିମଧ ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ କେନ୍ଦୁଝରର ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ବିଶେଷ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ସଫେଇ କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ, ଲଳିତ ନାଏକ ପ୍ରମୁଖଙ୍କ ସମେତ କେନ୍ଦୁଝରଗଡ଼ ପୌରପାଳିକାର ସମସ୍ତ ସଫେଇ କର୍ମଋରୀ ଉପସ୍ଥିତ ଥିଲେ।

## ନିସ୍ୱାର୍ଥପର ସେବା ପାଇଁ ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଋର୍ଯ୍ୟଙ୍କୁ ମିଳିଲା ସରଳା ଦେବୀ ସମ୍ମାନ



ପାରାଦୀପ/କୁଜଙ୍ଗ, (ମହାଭାରତ) : ବ୍ୟାସ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ସ୍ନେହମୟୀ ଆଋର୍ଯ୍ୟଙ୍କର ସେବା, ବ୍ରତ, ପରୋପକାର, ସମାଜମଙ୍ଗଳ କାର୍ଯ୍ୟଧାରା ମାଧ୍ୟମରେ ବ୍ୟାସ ଫାଉଣ୍ଡେସନ ଆଧ୍ୟାତ୍ମିକ ପ୍ରଋର ପ୍ରସାର ଧର୍ମୀ ସଙ୍ଗଠନ ଅଳ୍ପ କେତୋଟି ବର୍ଷରେ ସମଗ୍ର ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବହୁ ଘାତ ପ୍ରତିଘାତ ସତ୍ତ୍ୱେ ସେବାକୁ ଆଧାର କରି ନିଜ ସେବା କାର୍ଯ୍ୟରେ ଆଗେଇ ଋଲିଛନ୍ତି ସ୍ନେହମୟୀ । ଜଗତସିଂହପୁର ଜିଲ୍ଲାର ଗୌରବ ତଥା ପ୍ରଥମ ମହିଳା ବିଧାୟିକା, ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧିକା,ବହ୍ନି କନ୍ୟା ସରଳା ଦେବୀଙ୍କର ୧୨୨ ତମ ଜନ୍ମ ଜୟନ୍ତୀ ଯାହା ସରଳା ଦେବୀ ମେମୋରିଆଲ ଟ୍ରଷ୍ଟ ଜଗତସିଂହପୁର ବିକାଶ ପରିଷଦ ସହଭାଗିତାରେ ଭୁବନେଶ୍ୱର ସ୍ଥିତ ଭଞ୍ଜକଳା ମଣ୍ଡପ ଠାରେ ଶନିବାର ଦିନ ଆୟୋଜିତ ହୋଇଥିଲା। ମଞ୍ଚାସିନ ବିଶିଷ୍ଟ ଅତିଥି ଡ଼ଃ ଦିନେଶ ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ମୁଖ୍ୟ ଅତିଥି ସୌମ୍ୟ ରଞ୍ଜନ ପଟ୍ଟନାୟକ, ଶ୍ରୀମତୀ ମନୋରମା ବିଶ୍ୱାଳ, ବାଲିକୁଦା ଏରସମା ବିଧାୟକ ସାରଦା ଜେନା, ମୁଖ୍ୟ ବକ୍ତା ଦେବୀ ପ୍ରସାଦ ଦାସ, ନରେଶ ନାଗ ଥିହଲି, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଶ୍ରୀମତୀ ଆଋର୍ଯ୍ୟଙ୍କୁ ତାଙ୍କର ସମର୍ପିତ ସେବା ପାଇଁ ମାନପତ୍ର ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ଶ୍ରୀମତୀ ଆଋର୍ଯ୍ୟ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖଙ୍କୁ ଏପରି ଶ୍ରଦ୍ଧା ସମ୍ମାନ ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି। ସ୍ନେହମୟୀଙ୍କର ଏପରି ସଫଳତା ପାଇଁ ବ୍ୟାସ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ଓ ତାଙ୍କର ସମସ୍ତ ଶୁଭେଚ୍ଛୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କେବେ ବଦଳିବ ଜନ ସେବା କେନ୍ଦ୍ର ବୋର୍ଡର ରଙ୍ଗ ?

ଦଶପଲ୍ଲା, (ମହାଭାରତ) : ଦଶପଲ୍ଲା ଏନଏସି ଏବଂ ବ୍ଲକରେ ବର୍ତ୍ତମାନର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ସରକାରୀ ବାବୁ ମାନେ ଅବମାନନା କରିଋଲିଛନ୍ତି। ଗତ ବିଜେଡି ସରକାର ଙ୍କ ସମୟରେ ବିଭିନ୍ନ ହୋଡିଂ ଓ ପୋଷ୍ଟର ସବୁ ସ୍କୁଲ, ଡାକ୍ତରଖାନା, ପଂଋୟତ ଅଫିସ ଆଦି ସବୁ ସ୍ଥାନରେ ଲଗାଯାଇଥିବା ବେଳେ ସେ ସବୁ ନେଳି ରଙ୍ଗର ଥିଲା। କିନ୍ତୁ ବର୍ତ୍ତମାନ ର ବିଜେପି ସରକାର ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଏହି ସବୁ ହୋଡିଂ, ପୋଷ୍ଟର ଆଦି ହଟାଯାଇ ଗେରୁଆ ରଙ୍ଗ ହେବାକଥା ମାତ୍ର ଦଶପଲ୍ଲା ଏନ ଏ ସି ଏବଂ ବ୍ଲକର ଅନେକ ସରକାରୀ ସ୍ୱୀକୃତି ପ୍ରାପ୍ତ ଜନ ସେବା କେନ୍ଦ୍ର ଗୁଡିକ ର ରଙ୍ଗ ବଦଳୁ ନାହିଁ। ନୂତନ ସରକାରଙ୍କ ନିର୍ଦ୍ଦେଶକୁ କେନ୍ଦ୍ରର ମାଲିକ ମାନେ ହେୟ ଜ୍ଞାନ କରି ବୋର୍ଡର ରଙ୍ଗ ବଦଳାଉ ନାହାନ୍ତି। ଏ ବିଷୟ ଅତି ସମ୍ବେଦନଶୀଳ ବିଷୟ କାରଣ ଏମିତି ଅନେକ ନିୟମକୁ ମଧ୍ୟ ଅନେକେ ମାନୁନାହାନ୍ତି। ଦେଖାଯାଉ ଆଗକୁ କଣ ହେଉଛି ତାହା ଦେଖିବାକୁ ବାକି ରହିଲା।

## ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କଳାହାଣ୍ଡି ଗସ୍ତ

କଳାହାଣ୍ଡିଭବାନୀପାଟଣା, (ମହାଭାରତ ) : ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ଦିନିକିଆ କଳାହାଣ୍ଡି ଗସ୍ତରେ ଆସି ଜିଲ୍ଲା ସଦର ମହକୁମା ଭବାନୀପାଟଣା ଠାରେ ଅନୁଷ୍ଠିତ ବିଶାଳ ତିରଂଗା ବାଇକ୍ ଶୋଭାଯାତ୍ରା ରେ ଯୋଗଦେଇଥିଲେ। ଏହି ବାଇକ୍ ରାଲି ନକଟିଗୁଡା ନିକଟସ୍ଥ ଭାରତରତ୍ନ ବାବା ସାହେବ ଡକ୍ଟର ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶୁଭାରମ୍ଭ କରାଯାଇଥିଲା, ମୁଖ୍ୟ ଅତିଥି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବାବାସାହେବ ଡକ୍ଟର ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଏହି ତିରଂଗା ଯାତ୍ରା ର ଶୁଭାରମ୍ଭ କରିଥିଲେ। ଏହି ବାଇକ୍ ରାଲି ଜେଲଖାନ ଛକ, ବସଷ୍ଟାଣ୍ଡ, ଘୋଡାଘାଟ ଛକ, ଦୟାନିଧି ଛକ, ମାଣିକେଶ୍ୱରୀ ଛକ,ମାଣିକେଶ୍ୱରୀ ମନ୍ଦିର ଦେଇ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ସର୍କିଟ ହାଉସ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଏହି ବାଇକ୍ ରାଲି ରେ ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବର କୋଣ୍ଡା, ଅତିରିକ୍ତ ଜିଲ୍ଲାପାଳ ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଭାରତୀୟ ପ୍ରଶାସନିକ ସେବା, ପ୍ରବେଶନ ଅନିମେସ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ



ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମାଜିବୁନ ନିଶା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କଅଧିକାରୀ ହଳଧର ନିଆଲ ବିଜେପିଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼,କଳାହାଣ୍ଡି ସାଂସଦ ଙ୍କ ପ୍ରତିନିଧି ଜୟଶଙ୍କର ନାୟକ ଙ୍କ ସମେତ ବିଭିଓ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନ ର କର୍ମକର୍ତ୍ତା, ଗଣମାଧ୍ୟମ ର ପ୍ରତିନିଧି ପ୍ରମୁଖ ଯୋଗଦେଇ, ଦେଶାତ୍ମବୋଧକ ସଙ୍ଗୀତ, ଦେଶଭକ୍ତିର ସ୍ଲୋଗାନ ଦେଇ ହାତରେ ତିରଂଗା ପତାକା ଧରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ପରେ ଉପ ମୁଖ୍ୟମନ୍ତ୍ରୀ ଅଟକ୍ଷଙ୍ଗୁଡା ଗସ୍ତ କରି ସେଠାରେ ନବନିର୍ମାଣ ହୋଇଥିବା ସକ୍ଷମ ଅଙ୍ଗନବାଡି କେନ୍ଦ୍ରର ଶୁଭ ଉଦଘାଟନ କରି ଜିଲ୍ଲାପରିଷଦ ସଭା ଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାର ସରକାରଙ୍କର କାର୍ଯ୍ୟକରି ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ର ସଫଳ ରୂପାୟନ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷ କରି ସୁଭଦ୍ରା ଯୋଜନା ରେ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ସେ ଦିଗରେ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କଲ୍ୟାଣ, ଯୋଗାଣ,ଜଙ୍ଗଲ ଓ ପରିବେଶ, କୃଷି, ଜଳସେଚନ, ମିସନ୍ ଶକ୍ତି, କୃଷି, ପର୍ଯ୍ୟଟକ ଇତ୍ୟାଦି ବିଭାଗୀୟ କାର୍ଯ୍ୟକ୍ରମ ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲା ରେ ପର୍ଯ୍ୟଟନ ର ବିକାଶ କିପରି କରାଯିବ, ବିଶେଷ କରି ମହିଳା ମାନେ କିପରି ସାମାଜିକ ଓ ଆର୍ଥିକ ସ୍ତରରେ ସୁଦୃଢ଼ ଓ ସୁରକ୍ଷିତ ରହିବେ ସେ ଦିଗରେ ସମସ୍ତ ଙ୍କର ସହଯୋଗ ଓ ଦାୟିତ୍ୱ ଉପରେ ଉଲ୍ଲେଖ କରିଥିଲେ। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ରେ ସମସ୍ତ ଙ୍କର ସହଯୋଗ ର ଆବଶ୍ୟକତା ରହିଥିବା କହିଥିଲେ। ଏହି ସମୀକ୍ଷା ବୈଠକରେ ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ବଇତୁରା ଦୀପ, ଡି ଏଫ୍ ଓ ନର୍ଥ, ରାଜେଶ କୁମାର, ଡି ଏଫ୍ ଓ ସାଉଥ୍ କଲାଇ ବନାନ୍, ଜିଲ୍ଲା ମୁଖ୍ୟ ଉଓୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଉପ ଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଉପ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଉପଢୌକନ,ଶ୍ରୀ ଗଣେଶ ଙ୍କ ପ୍ରତିମୂର୍ତ୍ତି ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପାଢି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପରେ କାର୍ଯ୍ୟରତ ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ସାଧାରଣ ସଭା




ପାରାଦୀପ, (ମହାଭାରତ) : 'ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟ' ର ଏକ ସାଧାରଣ ସଭା ରବିବାର ପୂର୍ବାହ୍ନରେ ସ୍ଥାନୀୟ ପୋର୍ଟ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟ୍ରଷ୍ଟର ସଭାପତି ଶଶାଙ୍କ ଶେଖର ଆଋର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପାରାଦୀପ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ମୂଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଅଧକ୍ଷ ରତ୍ନାକର ସ୍ୱାଇଁ, ମୁଖ୍ୟ ଉପଦେଷ୍ଟା ଶୁକଦେବ ଜେନା, ଉପଦେଷ୍ଟା ରତ୍ନାକର ଜେନା, ସାଧାରଣ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, କୋଷାଧକ୍ଷ ସନ୍ତୋଷ ଭାରତୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ସାମ୍ବାଦିକ ମାନଙ୍କ କଲ୍ୟାଣ ନିମନ୍ତେ ଗଠିତ ଟ୍ରଷ୍ଟର ଉଦ୍ୟକ୍ତା ମାନଙ୍କ ସମୟୋପଯୋଗୀ ପଦକ୍ଷେପକୁ ପ୍ରଶଂସା କରିବା ସହ ଟ୍ରଷ୍ଟକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ବିଭିଓ ସମସ୍ୟା ଓ ଆର୍ଥିକ ସଙ୍କଟର ସମାଧାନ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯିବା ସହିତ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ନକ୍ସା ପ୍ରସ୍ତୁତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଆଇନ ପରାମର୍ଶଦାତା ରବୀନ୍ଦ୍ର କୁମାର ଜେନା ପରିଋଳନା କରିଥିବା ବେଳେ ଟ୍ରଷ୍ଟର ସମସ୍ତ ସଭ୍ୟ ଏଥିରେ ଅଂଶ ଗ୍ରହଣ କରିଥିଲେ ।

## ଛାତ୍ରଛାତ୍ରୀ ଜାଳେଣି ବୋହିଲେ ରନ୍ଧା ହେବକି ମଧ୍ୟାହ୍ନ ଭୋଜନ ?



ଅସ୍ତରଙ୍ଗ, (ମହାଭାରତ ) :ଅସ୍ତରଙ୍ଗ ବ୍ଲକ ସୁନ୍ଦର ସ୍ଥିତ ସୁରେନ୍ଦ୍ରନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏକ ବିକଳ ଚିତ୍ର ସାମ୍ନାକୁ ଆସିଛି । ମାଧାହ୍ନ ଭୋଜନ ରୋଷେଇ ଛାତ୍ରଛାତ୍ରୀ କାଠ ବୋହିବା ଦୃଶ୍ୟ ଏବେ ଏବେ ସୋସିଆଲ୍ ମେଡିଆରେ ଭାଇରାଲ୍ ହେଉଛି ।ଏଭଳି ଦୃଶ୍ୟ ସାମ୍ନାକୁ ଆସିବା ଘଟଣାକୁ ନେଇ ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ନିଜର ଇମେଲଲ୍, ଟ୍ୱିଟର ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସମେତ ଗଣଶିକ୍ଷା ଓ ସାମାଜିକ ସୂରକ୍ଷା ମନ୍ତ୍ରୀ ନିତ୍ୟନନ୍ଦ ଗଣ୍ଡଙ୍କୁ ଅଭିଯୋଗ କରିଛନ୍ତି ଏଥିସହ ଜନଶୁଣାଣୀ ପୋର୍ଟାଲ ମାଧ୍ୟମରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ମଧ ଏ ବିଷୟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମାଧ୍ୟମରେ ଶ୍ରୀ ସ୍ୱାଇଁ ଦାବୀ କରନ୍ତି ଯେ ପାଠପଢା ଛାଡି କୋମଳମତି ଛାତ୍ରଛାତ୍ରୀଙ୍କୁ କାଠ ବୋହିବା କାର୍ଯ୍ୟରେ ଲଗାଇବା ଶିଶୁ ସୁରକ୍ଷା ଆଇନକୁ ଖୋଲା ଉଲଂଘନ କରୁଛି । ଘଟଣାକୁ ତଦନ୍ତ କରି ମଧ୍ୟାହ୍ନ ଭୋଜନ ଦାୟୀତ୍ୱରେ ଶିକ୍ଷକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି । ଘଟଣା ବିଷୟରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ପଋରିବାରେ ସେ ଘଟଣା ବିଷୟରେ ଜାଣିନଥିବା କହିଛନ୍ତି । ତାଙ୍କ ଅନୁପସ୍ଥିତରେ ଏଭଳି ହୋଇଥିବ ବୋଲି ସେ ସଫେଇ ଦେଇଛନ୍ତି । ତେବେ କାଠ ବୋହିବା କାର୍ଯ୍ୟରେ ଛାତ୍ରଛାତ୍ରୀଙ୍କୁ କିଏ ଅନୁମତି ଦେଇଥିଲା ? ମାଧାହ୍ନ ଭୋଜନ ଦାୟୀତ୍ୱରେ ଶିକ୍ଷକ ନା ଆଉ କିଏ ? ମାଧାହ୍ନ ଭୋଜନ ନିମନ୍ତେ ସରକାର ସବୁ ଖର୍ଚ୍ଚ ବହନ କରୁଥିଲା ବେଳେ ପାଠ ପଢା ବେଳେ କାଠ ବୋହିବା କାର୍ଯ୍ୟରେ ଛାତ୍ରଛାତ୍ରୀଙ୍କୁ କାହିଁକି ନିୟୋଜିତ କରାଗଲା ଯାହାକୁ ନେଇ ସବୁଠି ଆଲୋଚନା ହେବା ସମେତ ସମାଲୋଚନା ଜୋର ଧରିଛି ।

## ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଜେପିର ମିଶ୍ରଣପର୍ବ



ପାରାଦୀପ, (ମହାଭାରତ) : ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ ନେତୃତ୍ୱ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦକ୍ଷ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୋଧେଇ ପଞ୍ଚାୟତର ବିଜେଡି ଓ କଂଗ୍ରେସ ଦଳର ବହୁ ନେତୃବୃନ୍ଦ ସେମାନଙ୍କର ଶତାଧିକ ସମର୍ଥକଙ୍କ ସହ ପାରାଦୀପର ଜିରୋ ପଏଣ୍ଟ ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ରବିବାର ଦିନ ବିଜେପିରେ ଯୋଗ ଦେଇଛନ୍ତି । ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସାଙ୍ଗଠନିକ ଦକ୍ଷତା ଓ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ ପାଇଁ ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ଯୋଗୁଁ ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି । ତେବେ ଏହି ମିଶ୍ରଣ ପର୍ବ ସୂଚାଉଛି ଯେ, ରାଜ୍ୟ ତଥା ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେପି ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଦଳ ପକ୍ଷରୁ ସ୍ୱାଗତ ଜଣାଇବା ସହ ସେମାନଙ୍କ ଯୋଗଦାନ ତୃଣମୂଳସ୍ତରରେ ବିଜେପି ଦଳର ସଂଗଠନକୁ ଆହୁରି ମଜବୁତ କରିବ ବୋଲି ଆଶା ରଖିଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ନୟାଗଡ଼ ସହରରେ ଅନୁଷ୍ଠିତ ସାର୍ବଜନୀନ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ସହରରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ପୌରଧକ୍ଷା ନିରୁପମା ଖଟେଇ, ପୌର ଉପାଧକ୍ଷ ଗୁରୁପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏ ବର୍ଷ କିପରି ଭଲ ଭାବରେ ସାର୍ବ ଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହେବ ସେଥି ନିମନ୍ତେ ଆଲୋଚନା କରାଯାଇଥିଲା।



ସାର୍ବଜନୀନ ଦୁର୍ଗା ପୂଜା କମିଟିର ସମ୍ପାଦକ ସୁମନ କୁମାର ସାହୁ ବିଗତ ବର୍ଷରେ ୪ ଲକ୍ଷ ୮୫ ହଜାର ଟଙ୍କା ଆୟ କରାଯାଇଥିବା ବେଳେ ୪ ଲକ୍ଷ ୯୫ ହଜାର ୮ ଶହ ଟଙ୍କା ବ୍ୟୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏବର୍ଷ ପୂଜା ପାଇଁ ୫ ଲକ୍ଷ ୫୦ ହଜାର ଟଙ୍କାର ଆବଶ୍ୟକତା ନିମନ୍ତେ ଆଲୋଚନା କରାଯାଇଥିଲା। ନୟାଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚୁଲି ଚନ୍ଦାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ କାଉନସିଲରଙ୍କ ତତ୍ୱାବଧାନରେ ଚୁଲି ଚନ୍ଦା ଆଦାୟ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ପୂର୍ବ ବର୍ଷ ଭଳି ଏବର୍ଷ ସମସ୍ତଙ୍କୁ ନିୟମ ମୁତାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନୟାଗଡ଼ ସହରର ସର୍ବ ପୁରାତନ ପୂଜା ଅନୁଷ୍ଠାନ ହେଉଛି ସାର୍ବଜନୀନ ଦୁର୍ଗାପୂଜା କମିଟି। ବିଗତ ୬୪ ବର୍ଷ ତଳେ ତତକାଳୀନ ପ୍ରଶାସନିକ ଅଧିକାରୀ ଭ୍ରମରବର ଜେନା ଓ କିଛି ସାଧାରଣ ଜନତାଙ୍କ ମିଳିତ ଉଦ୍ୟମରେ ଏହି ଅନୁଷ୍ଠାନ ଗି ଉଠିଥିଲା। ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁ ସମ୍ପର୍କ ଗି ତୋଳିବା ଲକ୍ଷରେ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିଲା। ।ଅନୁଷ୍ଠାନର ସଭାପତି ନିର୍ମଳ ଚନ୍ଦ୍ର ଶୂରଦେଓ ପ୍ରାରମ୍ଭିକ ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ପ୍ରଧାନ, ଶ୍ରୀକାନ୍ତ ଖଟେଇ, ଜାନକୀ ବଲ୍ଲଭ ଜେନା, ବାଲାଜି ସାହୁ, ନେତ୍ରାନନ୍ଦ ସାହୁ, ରୁଦ୍ର ନାରାୟଣ ରଥ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତ ରଖିଥିଲେ। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରାଯିବା ସହ ଅନାବଶ୍ୟକ ବ୍ୟୟକୁ ବାଦ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୂଜାକୁ ସୁଚରୁରପେ ପରିଚାଳନା ପାଇଁ ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଦାୟିତ୍ୱ ନିର୍ବାହ କରିବାକୁ ନୟାଗଡ଼ ବିଧାୟକ ପ୍ରସ୍ତାବ ଦେଇଥିଲେ।

## ଲେଖିକା ସଂସଦ ର କ୍ରାନ୍ତି କବିତା ଆସର ଏବଂ ଇନ୍ଦୁମତୀ ପାତ୍ରଙ୍କ ପୁସ୍ତକ ଉନ୍ମୋଚନ



କେନ୍ଦୁଝର(ମହାଭାରତ): ରବିବାର ଅପରାହ୍ନ ୩.୩୦ ରେ କେନ୍ଦୁଝର ଲେଖିକା ସଂସଦ ରା କ୍ରାନ୍ତି କବିତା ଆସର ସଭାପତି ମମତା ରାଣୀ ଦାଶ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭ ରେ ସମ୍ପାଦିକା ଇନ୍ଦୁମତୀ ପାତ୍ର ଅଗଷ୍ଟ ମାସ କ୍ରାନ୍ତି ର ମାସ ହୋଇ ଥିବାରୁ ସେଇ ଦେଶ ମାତୃକାର କ୍ରାନ୍ତି ବୀର ମାନଂକୁ ମନେ ପକେଇବାର ଅବସର ବୋଲି କହିଥିଲେ । ସଭାପତି ମମତା ରାଣୀ ଦାଶ ଦେଶ ର ସ୍ୱାଧୀନତା କଥା ଏବଂ ଦେଶ ସ୍ୱାଧୀନ ହେବା ପଛ ରେ କ୍ରାନ୍ତିକାରୀ ନେତା ମାନଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।ଉପସଭାପତି ବିଜୟଲକ୍ଷ୍ମୀ ମହାନ୍ତି ଆଜିର ସମାଜ ରେ କ୍ରାନ୍ତି ର ଆବଶ୍ୟକତା ରହିଛି, ଯାହା ଲେଖକ ମାନଙ୍କ ଦ୍ୱାରା ସମ୍ଭବ ବୋଲି ମତ ବ୍ୟକ୍ତ କରିଥିଲେ।ଏଇ ଅବସର ରେ ସମ୍ପାଦିକା ଇନ୍ଦୁମତୀ ପାତ୍ର ଙ୍କ ଗୀତିକବିତା ସଂକଳନ ଖୁଦୁରୁକୁଣୀ ଓଷା ଗୀତ ଲୋକାର୍ପିତ କରିଥିଲେ। ରିତାଞ୍ଜଳୀ ସାହୁ ଙ୍କ ସଂଯୋଜନାରେ ଶୋଭନା ଜେନା, ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ପ୍ରମିଳା ପାଣିଗ୍ରାହୀ, ଜ୍ୟୋସ୍ନା ପାଢ଼ୀ,ରତ୍ନମଞ୍ଜରୀ ରାଉତ, ଆର୍ଯ୍ୟବାଳା ମହାପାତ୍ର, ଲିପିକା ଦାଶ ପଟନାୟକ, ମନ୍ଦାକିନୀ କର, ଭାବିପ୍ରିୟା ସାହୁ, ବୀଣାପାଣି ଜେନା, ପ୍ରଭୃତି କ୍ରାନ୍ତି କବିତା ଆବୃତ୍ତି କରିଥିଲେ।ଶେଷ ରେ ସାଂସ୍କୃତିକ ସମ୍ପାଦିକା ଲିପିକା ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବୈଧ ମଦ କାରବାର ବିରୁଦ୍ଧରେ କେନ୍ଦୁଝର ପୋଲିସର କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର(ମହାଭାରତ): ଗତ ସପ୍ତାହରେ, କେନ୍ଦୁଝର ପୋଲିସ ଅବୈଧ ମଦ କାର୍ଯ୍ୟକଳାପ ବିରୁଦ୍ଧରେ ସେମାନଙ୍କର ଅଭିଯାନକୁ ତୀବ୍ର କରିଛ। ବିଭିନ୍ନ ସ୍ଥାନରେ ଚୋରା ମଦ ବେପାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୫୦୨ ଲିଟର ଆଇଡି ମଦ ଏବଂ ୨୬୩ ଲିଟର ବିଦେଶୀ ମଦ ଜବତ କରିଛି। ଏହା ସହିତ, ପୋଲିସର ଏକ ଦଳ ଦେଶୀ ମଦ ତିଆରିରେ ବ୍ୟବହୃତ ପୋତା ହୋଇଥିବା ପ୍ରାୟ ୩୩.୮ ଟନ୍ ମହୁଲ ପୋଚ ନଷ୍ଟ କରିଛି।ଏହି ଚୋରା ମଦ ବେପାର କାରବାର ସହିତ କେନ୍ଦୁଝର ଜିଲ୍ଲାର ବିଭିନ୍ନ ପୋଲିସ ଷ୍ଟେସନରେ ମୋଟ ୧୩୦ ଟି ମାମଲା ରୁଜୁ ହୋଇ ସାରିଛି ବୋଲି କେନ୍ଦୁଝର ଜିଲା ଆରକ୍ଷୀ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ଅବୈଧ ମଦ କାରବାରକୁ ରୋକିବା ଏବଂ ଜନସ୍ୱାସ୍ଥ୍ୟ ସମସ୍ୟାକୁ ସୁରକ୍ଷା ଦେବା ପାଇଁ ଜିଲ୍ଲା ପୋଲିସର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛ। କେନ୍ଦୁଝର ବୁଦ୍ଧିଜୀବୀ ମହଲରେ କେନ୍ଦୁଝର ପୋଲିସର ଏତାଦୃଶ କାର୍ଯ୍ୟକୁ ନେଇ ପ୍ରସଂଶା ସାଉଁଟିଛି।

## କାରିଗରମାନେ ଗଣେଶ ମୂର୍ତ୍ତି କରିବାରେ ବ୍ୟସ୍ତ



ଗଜପତି(ମହାଭାରତ): ଆଉ କିଛି ଦିନ ପରେ ଅଗ୍ରପୂଜ୍ୟ ଗଣେଶ ପୂଜା ଥିବାରୁ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର କଟକିଆ ସାହି, ଚିତ୍ରକାର ସାହିରେ ମୂର୍ତ୍ତି କାରିଗରମାନେ ଗଣେଶ ମୂର୍ତ୍ତି ତିଆରି କରିବା ରେ ବ୍ୟସ୍ତ ରହିଛନ୍ତି। ମାଟି ମୂର୍ତ୍ତି ପ୍ରଦୂଷଣ ମୁକ୍ତ ସହଜରେ ଜଳରେ ମିଳେଇ ଯାଉଥିବାରୁ ବର୍ତ୍ତମାନ ମାଟି ମୂର୍ତ୍ତି ପ୍ରତି ଲୋକେ ଆକୃଷ୍ଟ ହେଉଥିବାର ଦେଖିବାକୁ ମିଳିଛି। ମୂର୍ତ୍ତି ଟିଏ ଗଢିବା ପାଇଁ ମାଟି,କୁଟା କନା, ବାଉଁଶ,କାଠ ପିଢ଼ା,ସୁତୁଲୀ,ରଙ୍ଗ ତୁଳୀ ଏହିଭଳି ବିଭିନ୍ନ ସରଞ୍ଜାମର ଆବଶ୍ୟକ ହୋଇ ଥାଏ।ମାଟି ମୂର୍ତ୍ତି ନିର୍ମାଣ କରିବା ପାଇଁ ୫ ଦିନରୁ ୧୦ ଦିନ ଲାଗିଥାଏ। ମାଟି ମୂର୍ତ୍ତି ଗଢିବା ପାଇଁ ବହୁତ ପରିଶ୍ରମ କରିବାକୁ ପଡିଥାଏ।କିନ୍ତୁ ନିର୍ମାଣ ଅନୁସାରେ ସେତିକି ପାରିଶ୍ରମିକ ପାଇପାରୁ ନଥିବା ପ୍ରକାଶ କରିଛନ୍ତି। ମାଟି ମୂର୍ତ୍ତି କାରିଗରମାନେ ମାଟି ମୂର୍ତ୍ତି ଗଢିବାରେ ବ୍ୟସ୍ତ ଅଛନ୍ତ।

## ଗୋପବନ୍ଧୁ ପ୍ରଭାତ ଶାଖା ରେ ରକ୍ଷା ବନ୍ଧନ ଉତ୍ସବ ପାଳନ

ଦାନଗଦୀ: (ମହାଭାରତ) ପବିତ୍ର ରକ୍ଷା ବନ୍ଧନ, ଗହ୍ମା ପୂର୍ଣ୍ଣିମା ବଳଦେବଜନ୍ମ ଦିବସ ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ର ଦାନଗଦୀ ଖଣ୍ଡ ରେ ଥିବା ଉତ୍କଳ ମଣି ଗୋପବନ୍ଧୁ ପ୍ରଭାତ ଶାଖାରେ ପାଳିତ ହୋଇଯାଇଛି, ଆଜି ପ୍ରତ୍ୟୁଷ ରୁ ଶାଖା ର ସମସ୍ତ ସ୍ୱୟଂ ସେବକ ମାନେ ଶୁଦ୍ଧପୁତ ଭାବେ ଶାଖା ରେ ପହଞ୍ଚି ଥିଲେ, ଶାଖା ପରିଚାଳକ ଗୋପୀନାଥ ଗୁରୁଜୀ ଙ୍କ ଦ୍ୱାରା ଗୈରିକ ଧ୍ୱଜ ସ୍ଥାପନ କରାଯାଇଥିଲା, ପ୍ରଥମେ ଧ୍ଜ ପୂଜନ ଓ ପରେ ପରେ ଦଣ୍ଡ ପୂଜନ ହୋଇଥିଲା, ଆଜିର ଏହି ଦିବସ ରେ ମୁଖ୍ୟ ଅତିଥି ଭାବେ ସଙ୍ଘ ବିଭାଗ ସେବା ପ୍ରମୁଖ ଇନ୍ଦ୍ରମଣି ବେହେରା ଉପସ୍ଥିତ ରହି ଆଜି ଦିନର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ପୂଜ୍ୟ ଭାଇ ସୁବାଷ ଚନ୍ଦ୍ର ବଳସାମନ୍ତ ଯୋଗ ଦେଇ ଅଖଣ୍ଡ ହିନ୍ଦୁ ରାଷ୍ଟ୍ର ପାଇଁ ସମସ୍ତେ ନିଜକୁ ସମର୍ପିତ କରିବା ର ସମୟ ଆସିଯାଇଛି ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ସ୍ୱୟଂ ସେବକ ମାନେ ଧ୍ଜ ରେ ରାକ୍ଷୀ ବାନ୍ଧିବା ସହ ପରସ୍ପର କୁ ରାକ୍ଷୀ ବାନ୍ଧି ଖୁସି ମନାଇ ଥିଲେ। ସାମୁହିକ ସଙ୍ଘ ପ୍ରାର୍ଥନା ସହ ଆଖ ପାଖ ଗାଁ ରେ ଥିବା ଭାଇ ମାନଙ୍କ ହାତରେ ରାକ୍ଷୀ ବାନ୍ଧି ମିଷ୍ଟାନ ଖୁଆଇ ଥିଲେ, ଛୋଟ ଛୋଟ ଭାଇ ମାନେ ଭାଇଚରା ର ସଂଗୀତ ଗାଁନ କରିଥିଲେ,ଅନ୍ୟ ମାନଙ୍କ ମଧ୍ୟରେ ରମାକାନ୍ତ ନନ୍ଦ, ଅରୁଣ କୁମାର ମହାରଣା, ଶ୍ରୀକାନ୍ତ ମହାପାତ୍ର,ଇନ୍ଦ୍ରଜିତ ବେହେରା, କୁମର ଚରଣ ମୁଦୁଲି, ପ୍ରକାଶ ସାମଲ, ସୁଶାନ୍ତ କୁମାର ପାତ୍ର, ମଦନ ମୋହନ ରଣା, ଅଜୟ ଦାସ, ପର୍ଜିନ ସିଂ ଙ୍କ ସହ ଏକାଧିକ ସ୍ୱୟଂ ସେବକ ଭାଇ ମାନେ ଉପସ୍ଥିତ ଥିଲେ।

## ଜୀବନ ଜୀବିକା ଯୋଗାଉଛି ବାଉଁଶ କରିଡ଼

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ବର୍ତ୍ତମାନ୍ ସକାଳୁ ସକାଳୁ ବଜାର ରାସ୍ତାରେ ବାଉଁଶ କରିଡ଼ ବିକ୍ରି ହେଉଥିବାର ଦେଖିବାକୁ ମିଳିଛି ଲୋକମାନେ ଆଗ୍ରହରେ ଏହି ବାଉଁଶ କରିଡ଼ କ୍ରୟ କରୁ ଥିବାର ଦେଖିବାକୁ ମିଳିଛି। ଏହି ବାଉଁଶ କରିଡ଼ ଦୁର୍ଗମ ଅଞ୍ଚଳରୁ ଆଣି ବିକ୍ରି ବଟା କରୁଛନ୍ତି। ବର୍ତ୍ତମାନ ବାଉଁଶ କରିଡ଼ ଜୀବନ ଜୀବିକା ଯୋଗାଇ ଥିବାର ଦେଖିବାକୁ ମିଳିଛି।ଦୁଇ ପଇସା ରୋଜଗାର ଆଶାରେ ଏହି ବେପାର ଆପଣେଇ ଥିବା ଜଣା ପଡିଛି।

## ନିଗମାନନ୍ଦ ପରମହଂସ ଦେବଙ୍କ ୧୪୬ ତମ ଜନ୍ମ ଉତ୍ସବ

ଗଜପତି(ମହାଭାରତ): ଶ୍ରୀ ଶ୍ରୀ ୧୦୮ ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କ ୧୪୬ ତମ ଜନ୍ମ ଉତ୍ସବ ରାକ୍ଷୀପୂର୍ଣ୍ଣିମା ତିଥିରେ ପାଳିତ ହୋଇ ଯାଇଛି।ଭୋରରୁ ଠାକୁରଙ୍କ ପ୍ରଭାତୀକୀର୍ତ୍ତନ ପରେ ପ୍ରାତଃ ଠାକୁରଙ୍କର ନିରାଜନା,ଭୋଗ ନିବେଦନ,ମଙ୍ଗଳ ଆଳତୀ କରାଯାଇ ଥିଲା।ସ୍ତୋତ୍ର ବନ୍ଦନା ଶାନ୍ତି ପାଠ, ଭଗବତ ଗୀତା, ଗୁରୁଗୀତା, କରାଯାଇଥିଲା। ୯. ୩୦ ରେ ପ୍ରତୀକ୍ଷା ସଙ୍ଗୀତ ଗାନ ପରେ ପରଦା ଉନ୍ମୋଚନ ପରେ ଠାକୁରଙ୍କୁ ଧୂପ ଦୀପ ପ୍ରଦାନ କରା ଯାଇ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୁଏ।ଏହି କାର୍ଯ୍ୟକ୍ରମରେ ସଙ୍ଘ ସଭାପତି ଦେବେନ୍ଦ୍ର ମହାପାତ୍ର ଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇ ଥିବା ବେଳେ ଗଜପତି କୋରାପୁଟ ଓ ରାୟଗଡା ଜିଲ୍ଲାର ବହୁ ମାଆ ଓ ଭାଇ ଯୋଗ ଦେଇଥିଲେ। ପ୍ରସନ୍ନ ନାୟକ ଭାଇ ଠାକୁରଙ୍କର ଜୀବନୀ ବ୍ୟକ୍ତ କରିଥିଲେ ଭାଇ ଓ ମାଆମାନଙ୍କ ଭାବବିନିମୟ ଓ ଝୁଲଣ ସଙ୍ଗୀତ ସାଙ୍ଗକୁ ହୁଳହୁଳି ଶଙ୍ଖ ଶବ୍ଦରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।ବହୁ ସଂଖ୍ୟାରେ ସ୍ଥାନୀୟ ବୁଦ୍ଧିଜୀବୀ ଜନସାଧାରଣ ଯୋଗ ଦେଇ ଥିଲେ। ସମସ୍ତ ମାଆ ଓ ଭାଇ ମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସଫଳ ରୂପାୟିତ ହୋଇଥିଲା।

## ଦନ୍ତାରିବଗଡ଼ ଗାଁ ରେ ବୃଦ୍ଧା ମାତାଙ୍କୁ ପୁଅ ହତ୍ୟା କରିଥିବା ଅଭିଯୋଗ

ଆସିକା (ମହାଭାରତ): ଆସିକା ଥାନା ଗଙ୍ଗାପୁର ପଞ୍ଚାୟତ ଦନ୍ତାରିବଗଡ଼ ଗ୍ରାମରେ ଜମି ଜମା, ଜାଗା ବାଡ଼ି ଏବଂବାର୍ଦ୍ଧକ୍ୟ ଭତ୍ତା ଟଙ୍କା କୁ ନେଇ ନିଜ ବଡ଼ ପୁଅ ମାକୁ ଆକ୍ରମଣ କରିବାରୁ ମାର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ । ପ୍ରକାଶ ଥାଉକି ଦନ୍ତାରିବଗଡ଼ ଗାଁ ର ଉଦୟ ଗୌଡ଼ ଙ୍କ ସ୍ତ୍ରୀ ଲକ୍ଷ୍ମୀ ଗୌଡ଼ (୭୫) ଓ ତାଙ୍କ ବଡ଼ ପୁଅ ମଧ୍ୟରେ ଗତକାଲି ରାତି ୮ଟାରୁ ୧୦ଘ□ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା କୁ ନେଇ ଗଣ୍ଡୋଗୋଳ ହୋଇଥିଲା ଶେଷରେ ପୁଅ ମାକୁ ଆକ୍ରମଣ କରିଥିଲା ଏଥିରେ ମାଆ ଅଚେତ ହୋଇପଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସା ଳୟକୁ ଆଣିଥିଲେ ଏଠାରେ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ଆସିକା ପୋଲିସ ଘାଟଣ ସ୍ଥଳରେ ପହଂଚି ତଦନ୍ତ ଚଳାଇଛି । ମୃତ ଲକ୍ଷ୍ମୀ ର ଝିଅ ଲିଲି ତାରିଣୀ ଙ୍କ ଅଭିଯୋଗ କୁ ଆଧାର କରି ପୋଲିସ ୧୫/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଆସିକା ଡାକ୍ତର ଖାନା ରେ ଶବ ବ୍ୟବଚ୍ଛେଦ କରି ପରିବାର କୁ ହସ୍ତାନ୍ତର କରାଯାଇଛି । ପ୍ରକାଶ ଥାଉକି ପାରିପାର୍ଶ୍ୱିକ ସ୍ଥିତି କୁ ଅନୁଧ୍ୟାନ କଲେ ଜଣାଯାଉଛିକି ପୂର୍ବରୁ ସମ୍ପତି ଭାଗ ବଣ୍ଟା ଓ ଗତକାଲିର ବାର୍ଦ୍ଧକ୍ୟ ଭତ୍ତା କୁ କେନ୍ଦ୍ର କରି ଏହା ଏକ ହତ୍ୟା କରାଯାଇଥିବା ଅଭିଯୋଗ ହେଉଛି। ମୃତ ମାଆ ଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାର ଲକ୍ଷ କରାଯାଇଛି। ଶବ ବ୍ୟବଚ୍ଛେଦ ରୋପୋର୍ଟ ଆସିଲେ ପ୍ରକୃତ ଘଟଣା ସାମ୍ନାକୁ ଆସିବୟଡାକ୍ତର ଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣା ର ଅଧିକ ତଦନ୍ତ କରାଯିବା ବୋଲି ଦାୟିତ୍ୱ ରେ ଥିବା ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି ।

## ସ୍ମାଇଲ ନୟାଗଡ଼ ପକ୍ଷରୁ ବୃକ୍ଷରୋପଣ



ନୟାଗଡ଼, ( ମହାଭାରତ ) : ନୟାଗଡ଼ର ଅଗ୍ରଣୀ ସେ୍ୱଚ୍ଛାସେବୀ ଅନୁଷ୍ଠାନ ସ୍ମାଇଲ ନୟାଗଡ଼ ପକ୍ଷରୁ ପବିତ୍ର ଗହ୍ମା ପୂର୍ଣ୍ଣିମା ଅବସରରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଆଦର୍ଶ ସ୍ମଶାନ ଠାରେ ସ୍ମାଇଲ ନୟାଗଡ଼ ଅଧକ୍ଷ ରବୀନ୍ଦ୍ର କୁମାର ଦାଶଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସିଭିଲ ସୋସାଇଟ୍ ପକ୍ଷରୁ ଗୋଦାବରିଶ୍ ସାହୁ, ସାମ୍ବାଦିକ ଭବନ ସଭାପତି ବୈଦ୍ୟ ଭୂଷଣ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ଅନୀଲ କୁମାର ପଣ୍ଡା ପ୍ରମୂଖ ସାମିଲ ହୋଇଥିଲେ। ସ୍ମଶାନ ପରିସରରେ ଅଁଳା, ଲିମ୍ବ ଓ ଅନ୍ୟାନ ଫଳ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାଉନସିଲର କିଷାନ୍ ଦାଶ, ବିଜୟ ପଟ୍ଟନାୟକ, ବିଶ୍ୱଜିତ ନାୟକ, ନିହରା ରଞ୍ଜନ ପଟ୍ଟନାୟକ, ସୂର୍ଯ୍ୟପ୍ରସାଦ ଦାଶ, ନାଗଭୂଷଣ ଦାଶ ପ୍ରମୂଖ ସାମିଲ ହୋଇଥିଲେ।

## ବଜ୍ରାଘାତରେ ଜଣେ ମୃତ, ୨ ଆହତ

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ସଦର ବ୍ଲକ କୋଡିପଶା ଡ୍ୟାମ ତଟରେ ଗାଧୋଇବାକୁ ଯାଉଥିବାବେଳେ ବଜ୍ରପାତ ହେବାକୁ ଜଣେ ମୃତ୍ୟୁବରଣ କରିଥିବାବେଳେ ୨ ଜଣ ଆହତ ହୋଇଛନ୍ତି । କେନ୍ଦୁଝର ସହର ରୁ ୩ଜଣ ସାଙ୍ଗ ଏକ ସ୍କୁଟିରେ ଗାଧୋଇବାକୁ କୋଡିପଶା ଡ୍ୟାମକୁ ଯାଇଥିଲେ। ଡ୍ୟାମ ତଟରେ ସ୍କୁଟି ଗାଡି ରଖି ଗାଧୋଇବାକୁ ଯିବା ବେଳେ ମଧାହ୍ନ ପ୍ରାୟ ୧୨ଟା ୩୦ ମିନିଟ ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଜନାର୍ଦ୍ଦନପୁର ଗ୍ରାମର ତେଜସ କୁମାର ସାହୁ(୧୫) ମୃତ୍ୟୁବରଣ କରିଥିବାବେଳେ ବୈଦେରାଜ ସାହିର ସମୀତ ରଣସିଂହ(୧୭) ଏବଂ ଡାଙ୍ଗୁଣିଆ ସାହିର ଅଂଶୁ ନାଏକ(୧୬) ଆହତ ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ହେଉଛନ୍ତି । ଏ ନେଇ ଟାଉନ ଥାନାରେ କେସ ନମ୍ବର ୮୦/୨୦୨୫ରେ ଏକ ମାମଲା ରୁଜୁ ହୋଇଛି ।

## ବିଶ୍ ମୂଳ ନିବାସୀ/ଆଦିବାସୀ ଦିବସ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ସରିଗଣ୍ଡା ଗ୍ରାମ ପଞ୍ଚାୟତର ବହୁ ଅବହେଳିତ ଆଦିବାସୀ ଗ୍ରାମ ଗୋଠସାହିରେ ପ୍ରକଳ୍ପ ଅଧିକାର, ଦଶପଲ୍ଲା ତତଫରୁ ବିଶ୍ୱ ମୂଳ ନିବାସୀ /ଆଦିବାସୀ ଦିବସ ପାଳନ ହେବା ଅବସରରେ ବିଶ୍ ମୂଳ ନିବାସୀ ଦିବସ ର ବୈଶିଷ୍ଟ୍ୟ ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ତଥା ଏହାର ପୃଷ୍ଠଭୂମି ବିଷୟରେ ସଚେତନତା ସଭା ଓ ଗୋଷ୍ଠିଭିତ୍ତିକ ରକ୍ଷା ବନ୍ଧନ ଉତ୍ସବ ଆନୁଷ୍ଠାନିକ ଭାବେ ଗ୍ରାମର ସଭାପତି ଓ ଆଦିବାସୀ ନାରୀ ନେତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା।ଏ ଗୋଷ୍ଠୀ ଉତ୍ସବରେ ବଡ଼ ଗୋଠ ଓ ଗୋଠ ସାହି ଗାଁ ର ପ୍ରାୟ ପଚଶ ଜଣ ଆଦିମ ଅଧିବାସୀ, ମହିଳା ଓ ଯୁବକ ଯୋଗଦାନ କରି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।ପ୍ରକଳ୍ପ ଅଧିକାର, ଦଶପଲ୍ଲାର ପରିଚାଳକ ପ୍ରଭାତ କୁମାର ସାହୁ ଯୋଗଦାନ କରି ଆମ ରାଷ୍ଟ୍ର, ରାଜ୍ୟ ଓ ଜିଲ୍ଲାରେ ବହୁ ପ୍ରାଚୀନ କାଳରୁ ବସ ବାସ କରିଆସୁଥିବା ମୂଳ ନିବାସୀ ମାନଙ୍କ ଭାଷା, ସଂସ୍କୃତି, ପରମ୍ପରା ଓ ସେମାନଙ୍କ ଐତିହ୍ୟର ସୁରକ୍ଷା କରିବା ଅତ୍ୟନ୍ତ ଜରୁରୀ ଅଟେ ବୋଲି କହିଥିଲେ। ସମାଜରେ ଥିବା ସବୁ ବର୍ଗଙ୍କ ପରି ଆଦିବାସୀ ସମ୍ପ୍ରଦାୟ ଇଜ୍ଜତ ର ସହ ବଞ୍ଚିବା ସହିତ ସେମାନଙ୍କୁ ସେମାନଙ୍କ ମୌଳିକ ସୁବିଧା ସୁଯୋଗରୁ କେହି ବଞ୍ଚିତ କରି ପାରିବେ ନାହିଁୟ ସରକାରୀ ସୁବିଧା ସୁଯୋଗ ଓ ଜନ ମଙ୍ଗଳ ଯୋଜନାର ସୁଫଳ ଆଦିବାସୀ ମାନେ ମଧ୍ୟ ପାଇବା ପାଇଁ ହକଦାର ଅଟନ୍ତି। ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତେ ଦୃଷ୍ଟି ଦେବା ଆବଶ୍ୟକ ବୋଲି କହିଥିଲେ। ଅଧିକାର ମିତ୍ର ପ୍ରଦୀପ ସାହୁ, ଅଭିମନ୍ୟୁ ସାହୁ, ପ୍ରକାଶ ମଣ୍ଡଳ ଓ ଶ୍ରୀନିବାସ ରଣା ଇତ୍ୟାଦି ଏ ଗୋଷ୍ଠୀ ଉତ୍ସବରେ ଯୋଗଦାନ କରି ଆଦିବାସୀ ସମ୍ପ୍ରଦାୟଙ୍କ ପାଖରେ ଥିବା ପ୍ରାକୃତିକ ସଂପଦ, ଜଳ,ଜଙ୍ଗଲ ଓ ଜମିର ସୁରକ୍ଷା କରିବା ଓ ତାହାର ଉତ୍ତମ ପରିଚାଳନା କରିବା ଇତ୍ୟାଦି ଅତି ଗୁରୁପୂର୍ଣ୍ଣ ବୋଲି ନିଜ ନିଜର ମତାମତ ଦେଇଥିଲେ।

## ବାଣୀଗୋଛା ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୩୫ ୟୁନିଟ ରକ୍ତସଂଗ୍ରହ



ଦଶପଲ୍ଲା,(ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବାଣୀଗୋଛା ସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଦଶପଲ୍ଲା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ପ୍ରିୟବ୍ରତ ଆଚାର୍ଯ୍ୟଙ୍କ ତତ୍ୱାବଧାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ବାଣୀଗୋଛା ସରପ□ ସସ୍ମିତା ମହାକୁଡ଼ ଯୋଗଦେଇଥିବା ବେଳେ ବନପାଳ ରାଜ କୁମାର ଶତପଥୀ, ହାସ୍ୟ ଅଭିନେତା ସୁରଜ ପରିଡ଼ା ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିରର ଉଦ୍ଘାଟନ କରିଥିଲେ।ଏହି ରକ୍ତଦାନ ଶିବିରରେ ସର୍ବମୋଟ ୩୫ ୟୁନିଟ ରକ୍ତସଂଗ୍ରହ କରାଯାଇଥିଲା। ଡାକ୍ତର ବିଶ୍ୱଜିତ ନାୟକ ଉପସ୍ଥିତ ରହି ରକ୍ତ ସଂଗ୍ରହ କରାଯାଇଥିଲା।ଏଥିରେ ଟ୍ରଷ୍ଟର ସମ୍ପାଦକ ନିହାର ରଞ୍ଜନ ମହାନ୍ତି, କୋଷାଧକ୍ଷ ମାନସ ପରିଡ଼ାଙ୍କ ସହିତ ସମସ୍ତ ସଭ୍ୟ ସହଯୋଗ କରିଥିଲେ।ପୂର୍ବରୁ ଏହି ଟ୍ରଷ୍ଟ ଦ୍ୱାରା ସେବାଉତ୍ସବ, ବୃକ୍ଷରୋପଣ, ଅସହାୟ ଙ୍କୁ ସାହାଯ୍ୟ,ରକ୍ତଦାନ ଶିବିର କାର୍ଯ୍ୟକ୍ରମ କରି ଦଶପଲ୍ଲା ଅଂଚଳରେ ସୁନାମ ଅର୍ଜନ କରିଥିବାବେଳେ ଆଜିର ରକ୍ତଦାନ ଶିବିର କାର୍ଯ୍ୟକ୍ରମ ପାଇଁ ଉପସ୍ଥିତ ଅତିଥି, ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ କୁ ଭୂୟସୀ ପ୍ରଶଂସା କରିଥିଲେ।

## ଲୋପ ପାଇବାକୁ ବସିଲାଣି ଗାଈଗୋରୁଙ୍କୁ ରାକ୍ଷୀ ବାନ୍ଧିବାର ନିଆରା ପରମ୍ପରା

### ଗୁହାଳେ ଶୁଭୁନି ଶଙ୍ଖ ହୁଳହୁଳି

କେନ୍ଦୁଝର(ମହାଭାରତ):ପବିତ୍ର ଗହ୍ମାପୂର୍ଣ୍ଣିମା ଓଡ଼ିଆ ଘର ଚାଷୀମାନଙ୍କ ପାଇଁ ଏକ ମହାନ ତଥା ବଡ଼ପର୍ବ କହିଲେ ଭୁଲ ହେବ ନାହିଁ। ଗହ୍ମାପୂର୍ଣ୍ଣିମାରେ ଚାଷୀ ନିଜର ହଳ ବଳଦ ସହ ଗୁହାଳରେ ବନ୍ଧା ହୋଇଥିବା ଗାଈ ଓ ବାଛୁରୀକୁ ଗାଧୋଇ ଦେଇ ତାଙ୍କୁ ସଫା କରି ତେଲ ଓ ହଳଦୀ ତାଙ୍କ ଦେହରେ ମାଖିବା ସହ ଗୋମାତାଙ୍କ ପାଦରେ ତଥା ଗୁହାଳରେ ନାନା ପ୍ରକାରର ଝୋଟି ପକାଇ ମଥାରେ ସିନ୍ଦୁର ଓ ଚନ୍ଦନ ଦେଇ ପୂଜା କରିଥାଏ । ବିଗତ କିଛି ବର୍ଷ ହେବ ଚାଷୀଙ୍କ ଗୁହାଳ ଖାଲି ରହୁଛି। ଆଉ ଗୁହାଳରେ ଗାଈ ନାହିଁ କି ସହରି ସଭ୍ୟତାର ବୃଦ୍ଧିସହ ଗୁହାଳ ଲୋପ ପାଇ ଗଲାଣି। ଲୋକେ କ୍ଷୀର ଖାଇବେ ଅଥଚ ଗାଈ ରଖି ପାରିବେ ନାହିଁ। ଗୁହାଳ ଖାଲି ପଡ଼ିଥିବାରୁ ଗହ୍ମାପୂର୍ଣ୍ଣିମାରେ ଗୋପୂଜନ ହେବ କେମିତି ତାକୁ ନେଇ ଚିନ୍ତା ଭିତରେ ସଂସ୍କୃତି ରକ୍ଷକ । ବିଧି ଅନୁସାରେ ଶ୍ରାବଣମାସରେ



ଏହି ଗହ୍ମାପୂର୍ଣ୍ଣିମା ବେଳକୁ ଚାଷୀଙ୍କ ବିଲ କାର୍ଯ୍ୟ ପ୍ରାୟ ସାରି ଦେଇଥିବା ଯୋଗୁ ଦୀର୍ଘ ତିନିମାସ ଧରି ନିଜ ହଳବଳଦ ଯେଉଁ କାଦୁଅ ପାଣିରେ କଷ୍ଟ କରିଥାନ୍ତି ସେଥିରେ ବ୍ୟଥିତ ହୋଇ ଚାଷୀ ଗହ୍ମାପୂର୍ଣ୍ଣିମା ତିଥିରେ ବଡ଼ି ଭୋରୁ ଗୋମାତାଙ୍କୁ ଗାଧୋଇ ପାଧୋଇ ପୂଜାର୍ଚ୍ଚନା କରା ଯାଇଥାଏ । ବିଗତ କିଛି ବର୍ଷ ହେବ କେନ୍ଦୁଝରରେ ତଥା ଏହାର ଆଖପାଖ ଅଞ୍ଚଳରେ ବହୁ ଚାଷୀ ଟ୍ରାକ୍ଟର ଯୋଗେ ଜମି ହଳ କରୁଥିବାରୁ ଆଉ ବଳଦଙ୍କୁ କାମରେ ଲଗାଉ ନାହାନ୍ତି। ଏପରିକି ନାନା କାରଣରୁ ଚାଷକାର୍ଯ୍ୟ କରୁବାକୁ ଯୁବପିଢି ଆଗ୍ରହ ପ୍ରକାଶ କରୁନଥିବା ବେଳେ କେତେକ ଚାଷୀ ନିଜ ଗୁହାଳକୁ ଖାଲିକରି ଗାଈ, ବାଛୁରୀ ଓ ବଳଦ ବିକ୍ରି କରିସାରିଲେଣି। ଯାହା ଫଳରେ ଗହ୍ମାପୂର୍ଣ୍ଣିମାରେ ଗୋପୂଜନ ପ୍ରଥା ଧିରେ ଧିରେ ଲୋପ ପାଇବାକୁ ବସିଲାଣି । ଅନ୍ୟ ପକ୍ଷରେ ଯେଉଁମାନେ ନିଜ ଶୋକରେ ଘରେ ଗୁହାଳ କରି ଗାଈଗୋରୁ ରଖୁଥିଲେ ସେମାନେ ମଧ ଏପରି ପ୍ରଥାକୁ ଭୁଲି ଗଲେଣି ବୋଲି ପୁରୁଣା ସଂସ୍କୃତି ରକ୍ଷକ ମାନେ ଉଦବେଗ ପ୍ରକାଶ କରିବା ସହ ଆଗାମୀ ଦିନରେ ହଜି ଯିବାକୁ ବସିଥିବା ଏହି ମଣିଷ ଓ ଗୋଧନ ପରମ୍ପରାକୁ ରକ୍ଷା କରିବା ପାଇଁ ଆହ୍ୱାନ କରିଛନ୍ତି।

## ଭୂକମ୍ପରେ ଥରିଲା ହରିଆନାର ଝଜ୍ଜର

ହରିଆନା : ଭୂକମ୍ପରେ ଥରିଲା ହରିଆନାର ଝଜ୍ଜର ଜିଲ୍ଲା । ରିକ୍ଟର୍ ସ୍କେଲ୍ ରେ ଏହାର ତୀବ୍ରତା ୩.୧ ରେକଡର୍ କରାଯାଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ବା ଏନଇସି ସୂଚନା ଅନୁସାରେ ଦ୍ୱିପ୍ରହରେ ହରିଆନାରେ ୩.୧ ତୀବ୍ରତାର ଭୂକମ୍ପ ହୋଇଥିଲା । 'ଏକ୍ସ' ଆକାଉଣ୍ଟରେ ଏହି ତଥ୍ୟ ପ୍ରଦାନ କରିଛି ଏନଇସି। କହିଛି ଏହାର କେନ୍ଦ୍ର ଝଜ୍ଜରରେ ହିଁ ୨୦ କିଲୋମିଟରର ଗଭୀରତାରେ ଥିଲା। ସେପଟେ ଭୂକମ୍ପ ଭୟରେ ଲୋକେ ନିଜ ଘରୁ ବାହାରକୁ ଚାଲି ଆସିଥିଲେ । ସାମାନ୍ୟ ସମୟ ପାଇଁ ଭୂକମ୍ପ ଅନୁଭୂତ ହୋଇଥିଲେ ବି ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘର ମଧ୍ୟକୁ ଯାଇ ନ ଥିଲେ । ତେବେ ଗୋଟିଏ ଦିନ ପୂର୍ବରୁ ରାଜସ୍ଥାନର ପର୍ଯ୍ୟଟନ ସ୍ଥଳ ମାଉଣ୍ଟ ଆବୁରେ ମଧ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ମାଉଣ୍ଟ ଆବୁରେ ଶନିବାର ରାତିରେ ପାଖାପାଖି ୯ଟା ୩ ମିନିଟ୍ ରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ପାଖାପାଖି ୩୦ ସେକେଣ୍ଡ ପର୍ଯ୍ୟନ୍ତ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ରାଜସ୍ଥାନ, ପଞ୍ଜାବ, ହରିଆନା ଭଳି ରାଜ୍ୟଗୁଡ଼ିକ ସେସମିକ୍ ଜୋନ୍ -୧ ଅଧୀନରେ ଆସୁଛି । ଏଣୁ ଏହି ରାଜ୍ୟମାନଙ୍କରେ ବିଭିନ୍ନ ସମୟରେ ଭୂକମ୍ପ ଅନୁଭୂତ ହୋଇଥାଏ।

## ରାଷ୍ଟ୍ରପତି ଭବନ ନିକଟରେ ଦୁଇ ଜଣଙ୍କୁ ଚାପି ଦେଲା କାର୍, ଜଣେ ମୃତ

ନୂଆଦିଲ୍ଲୀ: ଦିଲ୍ଲୀର ଚାଣକ୍ୟପୁରୀ ଥାନାର ପୋଶ ଅଞ୍ଚଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଯ ରାଷ୍ଟ୍ରପତି ଭବନରୁ ୨ କିଲୋମିଟର ଦୂରରେ ଏକ ଥର କାର୍ ଦୁଇ ଜଣ ବ୍ୟକ୍ତିଙ୍କୁ ଚାପି ଧକ୍କା ଦେଇଛି । ଘଟଣାସ୍ଥଳରେ କାର୍ ଧକ୍କା ଦେଇଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ରହିଛନ୍ତି । ତାଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ଏହି ଦୁର୍ଘଟଣା ପରେ ମୃତଦେହ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ପଡ଼ି ରହିଥିଲା । ଖବର ମୁତାବକ, ଥର ଗାଡ଼ିଟି ୨ ଜଣଙ୍କୁ ଧକ୍କା ଦେଇଥିଲା । ସେମାନଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ମିଳିବା ମାତ୍ରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଡ୍ରାଇଭରକୁ ହେପାଜତକୁ ନେଇଛି । ମୃତଦେହକୁ ହେପାଜତକୁ ନିଆଯାଇ ପୋଷ୍ଟମର୍ଟମ ପାଇଁ ପଠାଯାଇଛି ।ଥର ଗାଡ଼ିରେ ମଦ ବୋତଲ ମିଳିଛି । ଫୋରେନସିକ୍ ଦଳ ଦ୍ୱାରା ସମ୍ପୂର୍ଣ୍ଣ ଗାଡ଼ିର ଯାଞ୍ଚ କରାଯାଉଛି । ଚାଣକ୍ୟପୁରୀ ପୋଲିସ ଷ୍ଟେସନ ଅନୁଯାୟୀ, ୧୧ ମୂର୍ତ୍ତି ନିକଟରେ ଏକ ଦ୍ରୁତ ଗତିରେ ଆସୁଥିବା ଥର ଦୁଇଜଣଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା, ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ, ଥରର ଆଗ ଚକ ମଧ ଅଲଗା ହୋଇଯାଇଥିଲା। ଅଭିଯୁକ୍ତ ଥର ଡ୍ରାଇଭର ଜଣେ ୨୬ ବର୍ଷୀୟ ଯୁବକ ଯିଏ ଘଟଣାସ୍ଥଳରୁ ଧରାପଡ଼ିଛନ୍ତି । ସେ ତାଙ୍କ ବନ୍ଧୁଙ୍କଠାରୁ ଥର ନେଇ ଆସିଥିଲେ । ପଚରାଉଚରା ସମୟରେ ସେ କହିଛନ୍ତି ଯେ, ସେ ଶୋଇ ପଡ଼ିଥିଲେ, ଯାହା ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ପୋଲିସ ଏବେ ଜାଣିବାକୁ ଚେଷ୍ଟା କରୁଛି ଯେ, ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଥିଲେ କି ? ଏହା ଏକ ଦୁର୍ଘଟଣା ନା ଏକ ଯୋଜନାବଦ୍ଧ ହତ୍ୟା ? ସୂଚନାଯୋଗ୍ୟ, ଅଭିଯୁକ୍ତ ଡ୍ରାଇଭରଙ୍କ କାରଟି ଅଗଷ୍ଟ ୧ ତାରିଖରେ ଅଧିକ ଦ୍ରୁତ ଗତିରେ ଗାଡି ଚାଳନା ପାଇଁ ଏକ ଚାଲାଣ ଜାରି କରାଯାଇଥିଲା । କାର ଯାଞ୍ଚ କରିବା ପରେ ପୋଲିସ ଜାଣିବାକୁ ପାଇଲା ଯେ, କାରରେ ୨୦୦୦ ଟଙ୍କାର ଚାଲାଣ ଥିଲା, ଯାହା ଏପର୍ଯ୍ୟନ୍ତ ପରିଶୋଧ କରାଯାଇ ନାହିଁ ।

## ଆୟର୍ଲାଣ୍ଡରେ ବଢୁଛି ଭାରତୀୟଙ୍କ ପ୍ରତି ଆକ୍ରମଣ

ନୂଆଦିଲ୍ଲୀ : ଆୟର୍ଲାଣ୍ଡରେ ବଢୁଛି ଭାରତୀୟଙ୍କ ପ୍ରତି ଆକ୍ରମଣ। ୭ଦିନ ଭିତରେ ୩ଟି ବଡ ଆକ୍ରମଣ ଘଟଣା ସାମ୍ନାକୁ ଆସିଛି । ଜଣେ ଯୁବକଙ୍କୁ ମରଣାତକ ଆକ୍ରମଣ କରି ଲହୁ ଲୁହାଣ କରିଛନ୍ତି ଦୁର୍ବୃତ୍ତ । ଘଟଣା ଆୟର୍ଲାଣ୍ଡର ରାଜଧାନୀ ଡବଲିନର । ଚାକିରି ପାଇ ୩ ସପ୍ତାହ ପୂର୍ବରୁ ଡବଲିନରେ ପହଁଚିଥିଲେ ଯୁବକ । ରାସ୍ତା ଉପରେ ଛିଡା ହୋଇଥିବା ବେଳେ କିଛି ଅଜଣା ଲୋକ ତାରଙ୍କ ନିକଟକୁ ଆସି ନିର୍ଦ୍ଧୁମ ମାଡ ମାରିଥିଲେ । ଯୁବକଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ମୁହଁପାଟିବା ଓ ହାତ ଭାଙ୍ଗିଥିବା ସୂଚନା ରହିଛି। ଘଟଣା ସୋସିଆଲ ମିଡିଆରେ ପ୍ରକାଶ କରିବା ସହ ସହ ସହାୟତା ପାଇଁ ଭାରତୀୟ ଦୂତାବାସକୁ ଅପିଲ କରିଥିଲେ। ତେବେ ଘଟଣାକୁ ନେଇ ଭାରତୀୟଙ୍କ ମନରେ ପ୍ରବଳ ଆକ୍ରୋଶ ଦେଖାଦେଇଛି । ନିକଟରେ ଆୟାର୍ଲାଣ୍ଡର ୱାଟରଫୋର୍ଡରେ ଜଣେ ଛଅ ବର୍ଷର ଭାରତୀୟ ଝିଅକୁ ତାଙ୍କ ଘର ବାହାରେ କିଛି ପୁଅ ଜାତିଗତ ଆକ୍ଷେପ କରିବା ସହିତ ଆକ୍ରମଣ କରିଛନ୍ତି । ଏହି ଘଟଣା ସ୍ଥାନୀୟ ଭାରତୀୟ ସମ୍ପ୍ରଦାୟ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି କରିଛିଯ ଆକ୍ରମଣକାରୀମାନେ ଡାର୍ଟି ଇଣ୍ଡିଆନ, ଭାରତକୁ ଫେରିଯାଅ ବୋଲି ଚିତ୍କାର କରି ତାଙ୍କ ସମ୍ବେଦନଶୀଳ ଅଙ୍ଗରେ ମାଡ଼ ମାରିଥିଲେ।। ଏହା ପୂର୍ବରୁ ଡବଲିନରେ ଟ୍ୟାକ୍ସି ଡ୍ରାଇଭର ଭାବେ କାମ କରୁଥିବା ଜଣେ ଭାରତୀୟଙ୍କ ବ୍ୟକ୍ତିଙ୍କୁ ମାଡ ମାରିବା ସହ ଭାରତ ଫେରିଯିବାକୁ କୁହାଯାଇଥିଲା। ଏବେ ପ୍ରଶ୍ନ ଉଠିପାରେ କାହିଁକି ଆୟର୍ଲାଣ୍ଡରେ ବଢୁଛି ଭାରତୀୟଙ୍କ ପ୍ରତି ଆକ୍ରମଣ ? ଆୟର୍ଲାଣ୍ଡରେ ବଢୁଛି ଭାରତୀୟଙ୍କୁ ଆକ୍ରମଣ। ୭ଦିନ ଭିତରେ ୩ଜଣ ଭାରତୀୟଙ୍କୁ ଆକ୍ରମଣ। ଜଣେ ଯୁବକ, ଜଣେ ବୟସ୍କ ଓ ଜଣେ ଶିଶୁ ଉପରେ ଆକ୍ରମଣ। ଅଜଣା ବ୍ୟକ୍ତି ହଠାତ ଆକ୍ରମଣ କରୁଛନ୍ତି ଓ ଭାରତ ଫେରିଯିବାକୁ କହୁଛନ୍ତି। ଅଶାଳୀନ ଭାଷାରେ ଗାଳି କରୁଛନ୍ତି, ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ଜାତିଗତ ବିଦ୍ୱେଷ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଆୟର୍ଲାଣ୍ଡରେ ବିଦେଶୀଙ୍କ ନିଯୁକ୍ତି ମଧ ଆଉ ଏକ କାରଣ ।

# ଅଣ୍ଟା ସଳଖୁଛି ଭୂସ୍ଖଳନରେ ଧରାଶାୟୀ ଧରାଳି ଗାଁ

ନୂଆଦିଲ୍ଲୀ : ଉତ୍ତରକାଶୀ ଧରାଲି ଗାଁରେ ଧ୍ୱଂସଲୀଳା ରଚିଛି ବାଦଲଫଟା ବର୍ଷା । ଦେବଭୂମିରେ ପ୍ରଳୟ ଆଣିଛି ପ୍ରକୃତି । ଦୁର୍ଘଟଣାକୁ ୩ଦିନ ପୂରିଯାଇଛି ଆଉ କାଦୁଅ ମାଟି ଭିତରୁ ଚାଲିଛି ଜୀବନର ସନ୍ଧାନ। ଦେବଦୂତ ସାଜି ୪ଶହ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଆହୁରି ୩ଶହ ଜଣ ଫସି ରହିଥିବା ଆଶଙ୍କା କରାଯାଉଛି । ସୁଚନା ଅନୁଯାୟୀ ଉତ୍ତରକାଶୀର ବିପର୍ଯ୍ୟୟଗ୍ରସ୍ତ ଧରାଲି ଗ୍ରାମରେ ଶୁକ୍ରବାର ଉଦ୍ଧାର ଅପରେସନ ତ୍ୱରାନ୍ୱିତ ହୋଇଛି । ଆଜି ସନ୍ଧ୍ୟା ସୁଦ୍ଧା ଆଉ ୫୬୬ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। ଗଙ୍ଗୋତ୍ରୀ ଜାତୀୟ ରାଜପଥ ଏବଂ ଅନେକ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଏବେ ପ୍ରାଥମିକ ପର୍ଯ୍ୟାୟରେ କେବଳ ଆକାଶ ମାର୍ଗରୁ ଉଦ୍ଧାର ଏବଂ ରିଲିଫ୍ ଅପରେସନ୍ ଚାଲିଛି। ଉଦ୍ଧାର ଅପରେସନ୍ର ଚତୁର୍ଥ ଦିନରେ ମୋଟ୍ ୮୪୦ ଜଣଙ୍କୁ ଉଦ୍ଧାର କରାଗଲାଣି । ତେବେ ୬୦ ଲୋକ ଏବେ ବି ନିଖୋଜ ଅଛନ୍ତି। ସେମାନଙ୍କର କେଣସି ପତ୍ତା ମିଳୁନାହିଁ। ସେମାନଙ୍କ ମଧ୍ୟରେ ୯ ଜଣ ସେନା ଯବାନ ଏବଂ ୭ ଜଣ ସାଧାରଣ ନାଗରିକ ଅଛନ୍ତି। ଜିଲ୍ଲା ପ୍ରଶାସନ ମଙ୍ଗଳବାର କହିଛି ଯେ ଅଚାନକ ବନ୍ୟାରେ ୪ ଜଣଙ୍କ ମୃତ୍ୟୁ ହୋଇଯାଇଛି। କିନ୍ତୁ ଏଯାବତ ୨ ଜଣଙ୍କ ମୃତଦେହ ମିଳିଛି। ଶୁକ୍ରବାର ସକାଳେ ୫୬୬ ଲୋକଙ୍କୁ ସୁରକ୍ଷିତ ଭାବେ ଆଇଟିବିପିର ମଟଲି ହେଲିପ୍ୟାଡ୍କୁ ଅଣାଯାଇଛି । ଆହୁରି ୩୦୦ରୁ ଅଧିକ ଲୋକ ଉଦ୍ଧାର ଅପେକ୍ଷାରେ ଅଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି । ଉଦ୍ଧାର ଅପରେସନ୍ରେ ଚିନୁକ ହେଲିକପ୍ଟର, ବାୟୁସେନାର ୨ଟି ଏମ୍ଆଇ-୧୭



ଏବଂ ୟୁସିଏଡିଏ ( ଉତ୍ତରାଖଣ୍ଡ ସିଭିଲ ଏଭିଏସନ ଡେଭେଲପମେଣ୍ଟ ଅଥୋରିଟି) ମୁତୟନ ହୋଇଛି । ପ୍ରଭାବିତ ଅଞ୍ଚଳକୁ ହେଲିକପ୍ଟର ଯୋଗେ ଖାଦ୍ୟ ସାମଗ୍ରୀ ମଧ ପଠାଯାଉଛି । ଉଦ୍ଧାର କାର୍ଯ୍ୟ ତଦାରଖ ପାଇଁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଉତ୍ତରକାଶୀ ଜିଲ୍ଲା ମୁଖ୍ୟାଳୟରେ ଶିବିର ପକାଇ ରହିଛନ୍ତି। ଆଜି ସକାଳେ ଫେସବୁକ୍ରେ ଏକ ପୋଷ୍ଟ୍ କରି ସେ କହିଛନ୍ତି, 'ଆଜି ସକାଳେ ଉତ୍ତରକାଶୀର ଧରାଲିରେ ଚାଲିଥିବା ରିଲିଫ୍ ଏବଂ ଉଦ୍ଧାର ଅପରେସନ୍ ସମୀକ୍ଷା କରିଛି '। ହେଲି ସେବା, ଏମ୍ଆଇ-୧୭ ଏବଂ ଚିନୁକ ହେଲିକପ୍ଟର ସହାୟତାରେ ଆଜି ସକାଳୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଅପରେସନ୍ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାସ୍ତାଘାଟ, ଯୋଗାଯୋଗ, ବିଦ୍ୟୁ ଓ ଖାଦ୍ୟ ଯୋଗାଣ ପୁନର୍ବାର ସ୍ୱାଭାବିକ କରିବାପାଇଁ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କେନ୍ଦ୍ର ସରକାର ଉଦ୍ଧାର ଉଦ୍ୟମ ପାଇଁ ପୂର୍ଣ୍ଣ ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମଧ ତାଙ୍କର ଗୋଟିଏ ମାସର ଦରମା ରିଲିଫ୍ ଅପରେସନ୍ ପାଇଁ ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି । ଧାମୀ କହିଛନ୍ତି, ରାଜ୍ୟ ସରକାର ପ୍ରଭାବିତଙ୍କ ସହ ରହିଛନ୍ତି ଏବଂ ଜଟିଳ ସ୍ଥିତିରେ ସହଯୋଗ କରୁଛନ୍ତି ।

## ଭୁଶୁଡିଲା ମହାଲକ୍ଷ୍ମୀ ମନ୍ଦିରର ନିର୍ମାଣଧୀନ ଗେଟ୍, ୧୭ ଆହତ

ମହାରାଷ୍ଟ୍ର : ମହାରାଷ୍ଟ୍ରର ନାଗପୁର ଜିଲ୍ଲାରେ ମହାଲକ୍ଷ୍ମୀ ଜଗଦମ୍ବା ଦେବସ୍ଥାନ ମନ୍ଦିରର ଦ୍ୱାରର ସ୍ଲାବ୍ ଭୁଶୁଡି ୧୭ ଜଣ ଶ୍ରମିକ ଆହତ ହୋଇଛନ୍ତି । ଏପରି ଘଟଣା ଶନିବାର ରାତି ପ୍ରାୟ ୮.୧୫ରେ ଦେଖିବାକୁ ମିଳିଛି । ସେହି ୧୭ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗମ୍ଭୀର ଥିବା ସୂଚନା ମିଳିଛି । ସୂଚନା ପାଇବା ମାତ୍ରେ ସ୍ଥାନୀୟ ପ୍ରଶାସନ, ପୋଲିସ, ଅଗ୍ନିଶମ ବିଭାଗ ଏବଂ ଏନଡିଆରଏଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ଚିକିତ୍ସା ପାଇଁ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ କୌଣସି ମୃତ୍ୟୁ ନିଶ୍ଚିତ ହୋଇନାହିଁ। ସୂଚନାନୁଯାୟୀ, ଘଟଣା ଘଟିବା ସମୟରେ ମନ୍ଦିର ଦ୍ୱାରର ନିର୍ମାଣ କାର୍ଯ୍ୟ ଚାଲିଥିଲା । ସେହି ସମୟରେ ସ୍ଲାବ୍ ଖସି ପଡିବାରୁ ଶ୍ରମିକମାନେ ଆହତ ହୋଇଥିଲେ । ୧୭ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାବେଳେ ଅନ୍ୟମାନଙ୍କ ଅବସ୍ଥା ସାମାନ୍ୟ ରହିଛି ।ଦୁର୍ଘଟଣା



ପରେ ତୁରନ୍ତ ପୋଲିସ, ଅଗ୍ନିଶମ ବାହିନୀ ଏବଂ ଏନଡିଆରଏଫ ଦଳ ସବୁ ପାର୍ଶ୍ୱରୁ ଭଗ୍ନାବଶେଷ ହଟାଇବା ଆରମ୍ଭ କରିଥିଲେ । ସ୍ଥାନୀୟ ଲୋକମାନେ ମଧ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲେ। ବର୍ତ୍ତମାନ ମନ୍ଦିର ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି । ତଦନ୍ତ ରିପୋର୍ଟ ଆସିବା ପରେ ହିଁ ପରବର୍ତ୍ତୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବଯ ଅନ୍ୟପଟେ ଜିଲ୍ଲା ମାଜିଷ୍ଟ୍ରେଟ୍ ବିପିନ୍ ଇଟାଙ୍କର୍ ଏବଂ ଡେପୁଟି କମିଶନର ଅଫ୍ ପୋଲିସ ନିକେତନ କଦମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି । ସ୍ଲାବ୍ ଭୁଶୁଡ଼ିବାର ସଠିକ୍ କାରଣ ବର୍ତ୍ତମାନ ଜଣାପଡିନାହିଁ ବୋଲି ପିଟିଆଇ ସୂଚନା ଦେଇଛି । ଏହି ଘଟଣାର ତଦାରଖ କରିବା ପାଇଁ ପ୍ରଶାସନ ବିଶେଷଜ୍ଞଙ୍କ ଏକ ଟିମକୁ ଘଟଣାସ୍ଥଳକୁ ଡକାଇଛି । ଯାହାର ସଠିକ୍ ତଦନ୍ତ ସେମାନଙ୍କ ଟିମ୍ କରିବେ।

## ଭାରତ ପାଇଁ ଏୟାରସ୍ପେସ୍ ବନ୍ଦ କରି ଦୁଇ ମାସରେ ୧୨୭ କୋଟି କ୍ଷତି ସହିଲା ପାକିସ୍ତାନ

ନୂଆଦିଲ୍ଲୀ : ଭାରତ ସହିତ ଉତ୍ତେଜନା ବୃଦ୍ଧି କଲା ପାକିସ୍ତାନ । ଏହା ପରେ ପାକିସ୍ତାନ ତାର ଏୟାରସ୍ପେସ୍ ବନ୍ଦ କରିବାର ନିଷ୍ପତ୍ତି ନେବା ଦ୍ୱାରା ନିଜ ପାଇଁ ବହୁତ କ୍ଷତି ହୋଇଛି । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରକାଶ କରିଛି ଯେ ଭାରତୀୟ ବିମାନ ପାଇଁ ତାର ଏୟାରସ୍ପେସ୍ ବନ୍ଦ କରିବା ଯୋଗୁଁ ଦୁଇ ମାସରେ ପ୍ରାୟ ୧୨୭ କୋଟି ଭାରତୀୟ ଟଙ୍କା ଅର୍ଥାତ୍ (୪.୧୦ ବିଲିୟନ ପାକିସ୍ତାନୀ ଟଙ୍କା) କ୍ଷତି ହୋଇଛି । ଶୁକ୍ରବାର ଦିନ



ପାକିସ୍ତାନର ଜାତୀୟ ସଭାରେ ଏହି ସୂଚନା ଦିଆଯାଇଛି । ୨୩ ଏପ୍ରିଲରେ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାର ଗୋଟିଏ ଦିନ ପରେ, ପାକିସ୍ତାନ ଭାରତୀୟ ବିମାନ ପାଇଁ ତାର ଆକାଶ ସୀମା ବନ୍ଦ କରିଦେଇଥିଲା । ୨୪ ଏପ୍ରିଲରୁ ୩୦ ଜୁନ୍ ୨୦୨୫ ପର୍ଯ୍ୟନ୍ତ, ଏହି ପଦକ୍ଷେପ ପାକିସ୍ତାନକୁ ବିପୁଳ ଆର୍ଥିକ କ୍ଷତି ପହଞ୍ଚାଇଥିଲା। ଏହି ସମୟ ମଧ୍ୟରେ ପ୍ରାୟ ୧୦୦-୧୫୦ ଭାରତୀୟ ବିମାନ ପ୍ରଭାବିତ ହୋଇଥିଲା। ହେଲେ, ଏକ ରିପୋର୍ଟ ଦ୍ୱାରା ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟର ଉଦ୍ଧୃତି ଅନୁଯାୟୀ, ସାର୍ବଭୌମତ୍ୱ ଏବଂ ଜାତୀୟ ପ୍ରତିରକ୍ଷା ଆର୍ଥିକ ସ୍ୱାର୍ଥଠାରୁ ଉର୍ଦ୍ଧ୍ୱରେ । ଏଥି ସହ ଜାଣିରଖନ୍ତୁ ଯେ, ପ୍ରତିରକ୍ଷା ମନ୍ତ୍ରଣାଳୟ ଏହା ମଧ କହିଛି ଯେ ଯଦିଓ ଆର୍ଥିକ କ୍ଷତି ହୋଇଛି, ଦେଶର ସୁରକ୍ଷା ସର୍ବୋପରି । ଆଶ୍ଚର୍ଯ୍ୟଜନକ ଭାବରେ, ଏହି କ୍ଷତି ସତ୍ତ୍ୱେ ପାକିସ୍ତାନ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମୋଟ ରାଜସ୍ୱ ୨୦୧୯ରେ ୫,୦୮,୦୦୦ ଡଲାରରୁ ୨୦୨୫ରେ ୭,୬୦,୦୦୦ ଡଲାରକୁ ବୃଦ୍ଧି ପାଇଛି ।

# ପେଟ୍ରୋଲ-ଡିଜେଲ ବିକ୍ରି କରିବ ଅଦାନୀ ଗ୍ରୁପ୍

ନୂଆଦିଲ୍ଲୀ: ଭାରତରେ ଖୁବଶୀଘ୍ର ବଦଳିପାରେ ପେଟ୍ରୋଲ ଆଉ ଡିଜେଲ ବିକ୍ରି ନିୟମ । ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ବର୍ତ୍ତମାନ ଥିବା ଲାଇସେନ୍ସିଂ ନିୟମରେ କିଛି ପରିବର୍ତ୍ତନ କରିବା ନେଇ ବିଚାର କରୁଛି । ତେବେ ସରକାରଙ୍କ ବିଚାର ମୁତାବକ, ବଦଳୁଥିବା ପରିସ୍ଥିତି ଏବଂ ବିକଳ୍ପ ଶକ୍ତିରମହ□କୁ ଦେଖି ପୁରୁଣା ନିୟମରେ ଆବଶ୍ୟକୀୟ ପରିବର୍ତ୍ତନ ଜରୁରୀ ଅଟେ । ଏଥିପାଇଁ ଏକ ବିଶେଷଜ୍ଞ କମିଟି ମଧ ଗଠନ କରାଯାଇଛି । ଏହି କମିଟି ୨୦୧୯ ମସିହାରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀର ସମୀକ୍ଷା କରିବ । ଏହି କମିଟିରର ଅଧକ୍ଷତାର ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (ଇଚଉଖ)ର ପୂର୍ବତନ ନିର୍ଦ୍ଦେଶକ (ମାର୍କେଟିଂ) ସୁଖମଲ ଜୈନ






କରିବେ ଯ ।ତାଙ୍କ ସହ ପେଟ୍ରୋଲିୟମ ଯୋଜନା ଏବଂ ବିଶ୍ଲେଷଣ ସେଲର ମହାନିର୍ଦ୍ଦେଶକ ପି. ମନୋଜ କୁମାର, ଭାରତୀୟ ପେଟ୍ରୋଲିୟମ ଶିଳ୍ପ ମହାସଂଘ (ରଓଚଓ)ର ସଦସ୍ୟ ପି.ଏସ. ରବି ଏବଂ ମନ୍ତ୍ରଣାଳୟର ନିର୍ଦ୍ଦେଶକ (ମାର୍କେଟିଂ) ଅରୁଣ କୁମାର ଏହି କମିଟିରେ ଅଛନ୍ତି । ଏହି କମିଟିର ଉଦ୍ଦେଶ୍ୟ ହେଉଛି ବର୍ତ୍ତମାନ ସମୟରେ ଥିବା ନିୟମରେ ପରିବର୍ତ୍ତନ ପାଇଁ ପରାମର୍ଶ ଦେବା । ଏହାସହ ବିକଳ୍ପ ଇନ୍ଧନ ଏବଂ ବୈଦ୍ୟୁତିକ ଯାନବାହନକୁ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକୀୟ ପରାମର୍ଶ ଦେବା ଏବଂ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବାରେ ଆହ୍ୱାନଗୁଡ଼ିକୁ ଚିହ୍ନଟ କରିବା । ୨୦୧୯ ମସିହାରେ, ସରକାର ଅଣ-ପେଟ୍ରୋଲିୟମ କମ୍ପାନିଗୁଡ଼ିକୁ ଖୁଚୁରା ଇନ୍ଧନ ବିକ୍ରୟ କରିବାକୁ ଅନୁମତି ଦେବା ପାଇଁ ନିୟମ ପରିବର୍ତ୍ତନ କରିଥିଲେ । ଯଦି ସେମାନଙ୍କର ସମ୍ପତ୍ତିର ମୂଲ୍ୟ ୨୫୦ କୋଟି ଟଙ୍କା ହୋଇଥାଏ ତେବେ ସେମାନେ ଏପରି କରିପାରିବେ ବୋଲି କୁହାଯାଇଥିଲା । ତେବେ ଯଦି କୌଣସି କମ୍ପାନି ଖୁଚୁରା ଏବଂ ପାଇକାରୀ ଯୋଗାଣ ଉଭୟ କରିବାକୁ ଚାହୁଁଥାଏ, ତେବେ ଏହାର ନେଟ୍ ମୂଲ୍ୟ ଅତି କମରେ ୫୦୦ କୋଟି ଟଙ୍କା ହେବା ଉଚିତ ବୋଲି ସେତେବେଳେ କୁହାଯାଇଥିଲା । ପୂର୍ବରୁ ଇନ୍ଧନ ବିକ୍ରୟ ଲାଇସେନ୍ସ ପାଇଁ କମ୍ପାନିଗୁଡ଼ିକୁ ଶକ୍ତି କ୍ଷେତ୍ରରେ ୨,୦୦୦ କୋଟି ଟଙ୍କା ନିବେଶ କରିବାକୁ ପ୍ରତିବଦ୍ଧ ହେବାକୁ ପଡୁଥିଲା । ବର୍ତ୍ତମାନ ଦେଶରେ ୯୭,୮୦୪ଟି ପେଟ୍ରୋଲ ପମ୍ପ ଅଛି। ସରକାରୀ କମ୍ପାନିଗୁଡ଼ିକ ଏ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି । ବର୍ତ୍ତମାନ ସମୟରେ ଇଣ୍ଡିଆନ୍ ଅଏଲ୍ର ୪୦ ହଜାର ୬୬୬, ବିପିସିଏଲର ୨୩ ହଜାର ୯୫୯ ଏବଂ ଏଚପିସିଏଲର ୨୩ ହଜାର ୯୦୧ ପମ୍ପ ରହିଛି । ଘରୋଇ କ୍ଷେତ୍ରରେ, ରିଲାଏନ୍ସ-ବିପି ମିଳିତ ଉଦ୍ୟୋଗର ୧୯୯୧ ପମ୍ପ, ନାୟାରା ଏନର୍ଜିର ୬,୭୬୩ ପମ୍ପ ଏବଂ ସେଲ୍ ୩୫୫ ପମ୍ପ ରହିଛି । ବର୍ତ୍ତମାନ ଟୋଟାଲ ଏନର୍ଜିଜ୍ (ଆଦାନୀ ସହିତ), ବିପି (ରିଲାଏନ୍ସ ସହିତ), ଟ୍ରାଫିଗୁରାର ପୁମା ଏନର୍ଜି ଏବଂ ସାଉଦି ଆରାମକୋ ଭଳି ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକ ମଧ ଭାରତୀୟ ବଜାରରେ ଅଂଶଧନ ନେବାକୁ ଆଗ୍ରହ ଦେଖାଇଛନ୍ତି । ତେଣୁ ଯଦି ଏହି ନିୟମ କୋହଳ ହୁଏ, ତେବେ ଏହି କମ୍ପାନିଗୁଡ଼ିକର ଭାରତୀୟ ବଜାରରେ ପ୍ରବେଶ ସହଜ ହୋଇଯିବ ।

# ନିଜ ଜାଲରେ ନିଜେ ଫସିଲେ ଟ୍ରମ୍ପ: ଟାରିଫକୁ ନେଇ ହନ୍ତସନ୍ତ ଆମେରିକୀୟ

ନୂଆଦିଲ୍ଲୀ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦେଶକୁ ପୁଣି ଥରେ ଶ୍ରେଷ୍ଠ ଦେଶ କରିବାକୁ ଲାଗି ପଡ଼ିଛନ୍ତି। ଯେଉଁଥିରେ ସେ ସାରା ବିଶ୍ୱକୁ ଟାରିଫ ପ୍ରଭାବରେ ଦୋହଲାଇ ଦେଇଛନ୍ତି । ସେ ବିଶ୍ୱର ଅନେକ ଦେଶ ଉପରେ ଶୁଳ୍କ ଲାଗୁ କରିଛନ୍ତି । ଭାରତ ଏବଂ ବ୍ରାଜିଲ ଉପରେ ସର୍ବାଧିକ ୫୦% ଶୁଳ୍କ ଲାଗୁ କରାଯାଇଛି । କେବଳ ଅନ୍ୟ ଦେଶ ନୁହେଁ ଟ୍ରମ୍ପଙ୍କ ଏହି ଟାରିଫର ପ୍ରଭାବ ଆମେରିକାରେ ବି ଦେଖିବାକୁ ମିଳିଛି । ଟ୍ରମ୍ପ ତାଙ୍କ ନିର୍ବାଚନ ପ୍ରଚାରରେ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଗ୍ରୋସରୀ ସାମଗ୍ରୀକୁ ଶସ୍ତା କରିବେ । ସେ କହିଥିଲେ ଯେ ଆମେରିକୀୟମାନେ ଖୁବ୍ ଶୀଘ୍ର ସହଜରେ ଗ୍ରୋସରୀ ସାମଗ୍ରୀ କିଣିପାରିବେ । କିନ୍ତୁ ଟାରିଫ୍ ପ୍ରଭାବରେ ଦେଶରେ ଗ୍ରୋସରୀ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଉଛି । ଏଥିରେ ବିଚଳିତ ହୋଇ ଆମେରିକୀୟ ଲୋକମାନେ ସେମାନଙ୍କର କିଣାକିଣି ଅଭ୍ୟାସ ପରିବର୍ତ୍ତନ କରୁଛନ୍ତି । ସେମାନେ ଏବେ ଅର୍ଥନୀତିକୁ ନେଇ ଚିନ୍ତିତ । ଟ୍ରମ୍ପଙ୍କ ଶୁଳ୍କର ପ୍ରଭାବ ସାରା ବିଶ୍ୱରେ ଦେଖାଯାଉଛି । ଏହା ସହିତ ଆମେରିକାରେ ମଧ ତାତି ବଢୁଛି । ସିଏନଏନ ରିପୋର୍ଟ ଅନୁଯାୟୀ, ଏକ ସାମ୍ପ୍ରତିକ ସର୍ଭେରୁ ଜଣାପଡିଛି ଯେ, ଅଧାରୁ ଅଧିକ ଆମେରିକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟକୁ ନେଇ ଚିନ୍ତିତ । ୫୩% ଲୋକ କହିଛନ୍ତି ଯେ ଗ୍ରୋସରୀ ସାମଗ୍ରୀର ମୂଲ୍ୟ ସେମାନଙ୍କର ସବୁଠାରୁ ବଡ଼ ଚିନ୍ତା । ସର୍ଭେରୁ ଜଣାପଡୁଛି ଯେ ଆମେରିକୀୟମାନେ ଖାଦ୍ୟ ସାମଗ୍ରୀର ଉଚ୍ଚ ମୂଲ୍ୟ ଏବଂ ଅର୍ଥନୀତିର ଅବସ୍ଥାକୁ ନେଇ ଚିନ୍ତିତ । ବିଶେଷକରି ଅଣ୍ଡା, ଗୋମାଂସ, କମଳା ରସ ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଇଛି । ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ, ବିଦେଶରୁ ଆସୁଥିବା ଫଳ, କ୍ୟାନଡ୍ ସାମଗ୍ରୀ, କଫି ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଉଛି । ଆମେରିକା ବିଶ୍ୱର ସବୁଠାରୁ ବଡ଼ ଅର୍ଥନୀତି ଏବଂ ପ୍ରାୟ ସମସ୍ତ ଦେଶ ସହିତ ବାଣିଜ୍ୟିକ ସମ୍ପର୍କ ରଖିଛି । ଆମେରିକାର ବଜାର ବହୁତ ବଡ଼ କିନ୍ତୁ ସେଠାକାର ଅଧିକାଂଶ ଜିନିଷ ଆମଦାନୀ କରାଯାଏ । ଆମେରିକାର ଥାଳି ବିଦେଶୀ ସାମଗ୍ରୀରେ ପରିପୂର୍ଣ୍ଣ । ଏପରିକି ପାନୀୟ ଜଳ ମଧ ଆମଦାନୀ କରାଯାଏ । ପୂର୍ବରୁ, ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ଅତି କମରେ ୧୦% ଶୁଳ୍କ ଲାଗୁ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି । ଟ୍ରମ୍ପ ପ୍ରତ୍ୟେକ ଦେଶ ଉପରେ ଭିନ୍ନ ଭିନ୍ନ ଶୁଳ୍କ ଲାଗୁ କରିଛନ୍ତି । ମେକ୍ସିକୋ, କାନାଡା ଏବଂ ଚୀନ୍ ହେଉଛି ଆମେରିକାର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର । ଆମେରିକା ମେକ୍ସିକୋ ଉପରେ ୨୫%, କାନାଡା ଉପରେ ୩୫% ଏବଂ ଚୀନ୍ ଉପରେ ୩୦% ଶୁଳ୍କ ଲାଗୁ କରିଛି । ମେକ୍ସିକୋ ହେଉଛି ଆମେରିକାର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ଆମେରିକାର ମୋଟ ଆମଦାନୀରେ ମେକ୍ସିକୋର ସର୍ବାଧିକ ୧୫.୫% ଅଂଶ ରହିଛି। ଆମେରିକା ସେଠାରୁ ଟମାଟୋ, ଆଭୋକାଡୋ, କ୍ୟାପସିକମ୍, କ୍ରାନବେରୀ, ଷ୍ଟ୍ରବେରୀ, ରାସବେରୀ, କାକୁଡି, ବ୍ରୋକୋଲି, ତରଭୁଜ, ଆମ୍ବ, ଆସପାରାଗସ୍, ଲେମ୍ବୁ, ପିଆଜ, ପାଳଙ୍ଗ, ଲେଟୁସ୍, ବାଦାମ ଏବଂ ଚିନି ଆମଦାନୀ କରେ। ମେକ୍ସିକୋ ପରେ, କାନାଡା ହେଉଛି ଆମେରିକାର ଦ୍ୱିତୀୟ ବୃହତ ବାଣିଜ୍ୟିକ ଅଂଶୀଦାରଯ ଆମେରିକାର ମୋଟ ଆମଦାନୀରେ କାନାଡାର ୧୨.୬% ଅଂଶ ଅଛି । ଆମେରିକା ଏହି ଦେଶରୁ ମଶରୁମ୍, ପଶୁ ମାଂସ, ଘୁଷୁରୀ, ମାଛ, ଲବଷ୍ଟର, କଙ୍କଡ଼ା, କାନୋଲା ତେଲ, ଗହମ, ମକା, ଓଟ୍ସ, ବାର୍ଲି ଏବଂ ମ୍ୟାପଲ୍ ସିରପ୍ ଆମଦାନୀ କରେ । ବ୍ରାଜିଲ୍ ହେଉଛି ସେହି ଦେଶମାନଙ୍କ ମଧ୍ୟରେ ଯେଉଁଠାରେ ଟ୍ରମ୍ପ ସର୍ବାଧିକ ଶୁଳ୍କ ଲଗାଇଛନ୍ତି । ଏହି ଦେଶ ଉପରେ ୫୦% ଶୁଳ୍କ ଲାଗୁ କରାଯାଇଛି । ଆମେରିକା ବ୍ରାଜିଲରୁ ସର୍ବାଧିକ କମଳା ରସ ଆମଦାନୀ କରେ । ସେହିପରି, ଚୀନ୍ ହେଉଛି ଆମେରିକାର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର । ଟ୍ରମ୍ପ ପୂର୍ବରୁ ଚୀନ୍ ଉପରେ ୧୪୫% ଶୁଳ୍କ ଲଗାଇଥିଲେ, ଯାହାକୁ ପରେ ୩୦% ହ୍ରାସ କରାଯାଇଥିଲା । ଆମେରିକାର ମୋଟ ଆମଦାନୀରେ ଚୀନ୍ ୧୩.୪% ଅଂଶୀଦାର । ଆମେରିକା ଚୀନ୍ ଠାରୁ ସର୍ବାଧିକ ଆପଲ୍ ଜୁସ୍ ଏବଂ ଫ୍ରୋଜେନ୍ ମାଛ ଆମଦାନୀ କରେ । ଏହା ସହିତ, ଆଗାମୀ ଦିନରେ ରୋଷ୍ଟେଡ୍ କଫିର ମୂଲ୍ୟ ମଧ ବହୁତ ବଢ଼ିପାରେ । ଆମେରିକା ଏହାର ଅଧିକାଂଶ ରୋଷ୍ଟେଡ୍ କଫି ସ୍ୱିଜରଲ୍ୟାଣ୍ଡରୁ ଆମଦାନୀ କରେ ଯାହା ଉପରେ ସେ ୩୯% ଶୁଳ୍କ ଲାଗୁ କରିଛି । ବର୍ଷ ଆରମ୍ଭରୁ, ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧ ଯୋଗୁଁ ଆମେରିକୀୟମାନେ ମୁଦ୍ରାସ୍ଫୀତିକୁ ଭୟ କରୁଛନ୍ତି । କିନ୍ତୁ ମୁଦ୍ରାସ୍ଫୀତି କିଛି ପରିମାଣରେ ନିୟନ୍ତ୍ରଣରେ ରହିଛି । କେବଳ କିଛି ଜିନିଷର ମୂଲ୍ୟ ବୃଦ୍ଧି ପାଇଛି । ଏହାର କାରଣ ହେଉଛି କିଛି କମ୍ପାନୀ ନିଜେ ଅଧିକ ଖର୍ଚ୍ଚ ବହନ କରିଛନ୍ତି ଏବଂ ଗ୍ରାହକଙ୍କୁ ଦେଇନାହାଁନ୍ତି। ଏହା ସହିତ, ଅନେକ କମ୍ପାନୀ ପାଖରେ ଏବେ ବି ପର୍ଯ୍ୟାପ୍ତ ପରିମାଣର ସାମଗ୍ରୀ ଷ୍ଟକ୍ ଅଛି । ଶୁଳ୍କ ଭୟ ଯୋଗୁଁ ସେମାନେ ବର୍ଷ ଆରମ୍ଭରେ ବହୁ ପରିମାଣରେ ସାମଗ୍ରୀ କିଣିଥିଲେ ।

## ବଢୁଛି ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ସମ୍ଭାବନା

ନୂଆଦିଲ୍ଲୀ : ଆସନ୍ତା ୧୫ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ହେବାକୁ ଥିବା ବୈଠକକୁ ଭାରତ ସ୍ୱାଗତ କରିଛି । ଭାରତ କହିଛି, ଏହା ୟୁକ୍ରେନ ଓ ରୁଷ ମଧ୍ୟରେ ଯୁଦ୍ଧବିରତି ପାଇଁ ସହାୟକ ହେବ । ଅଗଷ୍ଟ ୧୫ ତାରିଖରେ ଆଲାସ୍କାରେ ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ହେବଯ ଭାରତର ବୈଦେଶିକ ବ୍ୟାପାର



ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ରୁଷ-ଆମେରିକା ଶିଖର ସମ୍ମିଳନୀକୁ ଭାରତ ସମର୍ଥନ ଓ ସ୍ୱାଗତ କରୁଛି । ଜୟସୱାଲ ରୁଷ-ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୟାନକୁ ଉଲ୍ଲେଖ କରି କହିଛନ୍ତି, ଏହା ଯୁଦ୍ଧର ଯୁଗ ନୁହେଁ। ତେଣୁ ଭାରତ ଆଗାମୀ ଶିଖର ବୈଠକକୁ ସମର୍ଥନ କରୁଛି । ୨୦୨୨ ଫେବ୍ରୁଆରିରେ ୟୁକ୍ରେନରେ ରୁଷର ଆକ୍ରମଣ ଆରମ୍ଭ ପରଠାରୁ ମୋଦୀ ଶତ୍ରୁତା ବନ୍ଦ କରିବା ପାଇଁ ପୁଟିନ ଏବଂ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସକିଙ୍କୁ ଆହ୍ୱାନ ଦେଇ ଆସୁଛନ୍ତି ।

ଭୁବନେଶ୍ୱର, ସୋମବାର, ୧୧ ଅଗଷ୍ଟ ୨୦୨୫
Bhubaneswar, Monday, 11, August 2025
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ଓଡ଼ିଶା କ୍ରୀଡ଼ା ଇତିହାସରେ ସୃଷ୍ଟି ହେଲା ନୂଆ ଅଧ୍ୟାୟ








## ଗୌରବାନ୍ୱିତ କଲେ ପ୍ରଜ୍ଞା, ଅନିମେଷ

### ୧୦୦ ମିଟର ହର୍ଡଲ୍ସରେ ୧୩.୭୪ ସେକେଣ୍ଡ ଟାଇମିଂ ସହ ପ୍ରଜ୍ଞା ପ୍ରଥମ

### ମହିଳା ୧୦୦ ମିଟରରେ ୧୧.୮୬ ସେକେଣ୍ଡ ସହ ଶ୍ରାବଣୀ ନନ୍ଦ ୫ମ

### ଅନିମେଶ କୁଜୁର ପୁରୁଷ ୨୦୦ ମିଟରରେ ପ୍ରଥମ ହୋଇଛନ୍ତି




ଭୁବନେଶ୍ୱର: ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ (କାଂସ୍ୟ) ରବିବାର କଳିଙ୍ଗ ଷ୍ଟାଡିୟମ୍‌ରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ତା ସହିତ ଓଡ଼ିଶା କ୍ରୀଡ଼ା ଇତିହାସରେ ଆୟୋଜନ ଓ ପ୍ରାୟୋଜନର ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ଏହି ବହୁ ରାଷ୍ଟ୍ରୀୟ ତଥା ବହୁ ଇଭେଣ୍ଟ୍ ବିଶିଷ୍ଟ ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଏବଂ କଳିଙ୍ଗ ଷ୍ଟାଡିୟମ୍ ପ୍ରଥମ ଭେନ୍ୟୁ ହେବାର ଗୌରବ ଅର୍ଜନ କରିଛି। ସେହିଭଳି ଓଡ଼ିଶାର ଦୁଇ ତାରକା ଅନିମେଷ କୁଜୁର ଏବଂ ପ୍ରଜ୍ଞା ପ୍ରଶାନ୍ତି ସାହୁ ଯଥାକ୍ରମେ ପୁରୁଷ ୨୦୦ ମିଟର ଏବଂ ମହିଳା ୧୦୦ ମିଟର ବାଧାଦୌଡ଼ର ପ୍ରଥମ ସ୍ଥାନରେ ରହିବା ରାଜ୍ୟକ୍ରୀଡ଼ା ପାଇଁ ଐତିହାସିକ ଅଧ୍ୟାୟ ହୋଇଛି। ଉଭୟ ନିଜନିଜ ଇଭେଣ୍ଟରେ ଆଧିପତ୍ୟ ବିସ୍ତାର କରିବା ମଧ୍ୟ ଓଡ଼ିଶା କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିଛି। ଅନିମେଷ ୨୦.୭୭ ସେକେଣ୍ଡ ଏବଂ ପ୍ରଜ୍ଞାପ୍ରଶାନ୍ତି ୧୩.୭୪ ସେକେଣ୍ଡ ସମୟ ସହ ପ୍ରଥମ ସ୍ଥାନରେ ରହି ନିଜନିଜ ଅସାଧାରଣ ପ୍ରତିଭାର ପରିଚୟ ଦେଇଥିଲେ ଏହି ଦିନିକିଆ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଅନ୍ୟ ଦୁଇ ଓଡ଼ିଆ। ତାରକା ଶ୍ରାବଣୀ ନନ୍ଦ ଏବଂ ଲାଲୁ ପ୍ରସାଦ ଭୋଇ ମହିଳା ଓ ପୁରୁଷ ୧୦୦ ମିଟରର ଯଥାକ୍ରମେ ପଞ୍ଚମ ଓ ଚତୁର୍ଥ ସ୍ଥାନରେ ରହିବା ଅବଶ୍ୟ ସାମାନ୍ୟ ନୈରାଶ୍ୟଜନକ ଖବର ହୋଇଛି।

ମୋଟ ଉପରେ କିନ୍ତୁ ଓଡ଼ିଆ। ଖେଳାଳିମାନେ ନିଜ ପ୍ରଦର୍ଶନ ବଳରେ କଳିଙ୍ଗ ଷ୍ଟାଡିୟମ୍‌ରେ ଉପସ୍ଥିତ ୧୫,୦୦୦ରୁ ଅଧିକ ଦର୍ଶକଙ୍କ ମନ ଜିତି ନେଇଛନ୍ତି। ସେହିଭଳି ରବିବାର ହୋଇଥିବା ୧୭ଟି ଇଭେଣ୍ଟର ଫାଇନାଲ୍‌ରୁ ଅଧିକାଂଶ ବର୍ଗରେ ଭାରତୀୟ ଖେଳାଳିମାନେ ପ୍ରଥମ ସ୍ଥାନ ଅଧିକାର କରିବା ଉଲ୍ଲେଖନୀୟ ରହିଛି। ସେହିଭଳି ପୁରୁଷ ଜାଭଲିନରେ ଶ୍ରୀଲଙ୍କାର ରମେଶ ଥରଙ୍ଗା କଳିଙ୍ଗ ଷ୍ଟାଡିୟମ୍‌ରୁ ଜାପାନର ଟୋକିଓରେ ହେବାକୁ ଥିବା ବିଶ୍ୱ ଦେଡ଼କୁଦ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତିଯୋଗିତାର ଏକମାତ୍ର ଖେଳାଳି ଭାବେ ସେ ଏହି ସଫଳତା ଲାଭ କରିଛନ୍ତି। ବିଶ୍ୱ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ ଦୂରତା ୮୫.୫୦ ମିଟର ଥିଲା ବେଳେ ରମେଶ ୮୬.୫୦ ମିଟରକୁ ଜାଭଲିନ ଫିଙ୍ଗି ଟୋକିଓ ଟିକେଟ୍ ପାଇଥିଲେ। ବିଭିନ୍ନ ବର୍ଗର ପ୍ରଥମ ଚାରି ସ୍ଥାନରେ ରହିଥିବା ଖେଳାଳିମାନେ ଯଥାକ୍ରମେ ୮୦୦, ୪୦୦, ୩୦୦ ଓ ୨୦୦ ଡଲାରର ଆର୍ଥିକ ପୁରସ୍କାର ପାଇଥିଲେ।

ସେହିପରି ୧୦୦ ମିଟରରେ ଭାରତୀୟ ଆଥଲେଟ୍ ତଥା ଓଡିଶାର ଲାଲୁ ପ୍ରସାଦ ଭୋଇ ନିରାଶ କରିଛନ୍ତି। ଏହି ଦୌଡ଼ ବିଭାଗରେ ବାଜି ମାରିଲେ ମାଲେସିଆର ମହମ୍ମଦ ଅଜି ୧୦.୩୫.ସେକେଣ୍ଡରେ ବିଜୟ ହୋଇଥିଲେ। ମହମ୍ମଦ ଅଜି ସେପଟେ ହୋମ ଗ୍ରାଉଣ୍ଡରେ ଖେଳ ହେଉଥିଲେ ମଧ୍ୟ ନିରାଶ କଲେ ଲାଲୁ ପ୍ରସାଦ ଭୋଇ ଏବଂ ଶ୍ରାବଣୀ ନନ୍ଦ ୧୦୦ ମିଟର ପୁରୁଷ ଓ ମହିଳା ଇଭେଣ୍ଟ ଉଭୟ ଭାରତ ପାଇଁ କୌଣସି ମେଡଲ ଆଣିପାରିନାହାନ୍ତି। ଏହି ଦିନକିଆ। ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ଆଶା ସହ ଟୋକିଓ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନସିପ ପାଇଁ ଯୋଗ୍ୟତା ଅର୍ଜନ ପାଇଁ ଆଥଲେଟଙ୍କର ଲକ୍ଷ୍ୟ ରହିଛି। ପ୍ରଥମଥର ପାଇଁ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଛି।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ହୋଇ ୪ ଗୁଣା ୪୦୦ ମିଟର ରିଲେ ଦଳକୁ ପୁରସ୍କୃତ କରିଥିଲେ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂହ, ପୁଲିସ ଡିଜି ଓାଇବି ଖୁରାନିଆ, କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

# ଦକ୍ଷିଣ ଆଫ୍ରିକାକୁ ହରାଇଲା ଅଷ୍ଟ୍ରେଲିଆ : ୧-୦ରେ ଅଗ୍ରଣୀ



ଡାଓର୍‌ବିନ,୧୦।୮: ଟିମ୍ ଡେଭିଡ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୧୭ ରନ୍‌ରେ ଜିତି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଅଷ୍ଟ୍ରେଲିଆ ୧-୦ର ଅଗ୍ରଣୀ ହାସଲ କରିଛି ଡେଭିଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୨ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ।

ପାଇ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଅ। ୨୦ ଓଭରରେ ୧୭୮ ରନରେ ଅଲଆଉଟ୍ ହୋଇଯାଇଥିଲା ଦଳ ପକ୍ଷରୁ ଡେଭିଡ୍ ୫୨ ବଲରେ ୮୩ (୪ ଚୌକା ଓ ୮ ଛକା) ଓ କାମେରନ ଗ୍ରୀନ ୧୩ ବଲରେ ୩୫ (୪ ଚୌକା ଓ ୩ ଛକା) ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ କ୍ୱେନା ମାଫାକା ୪ ଓ କାଗିସୋ ରାବାଡା ୨ ଉଇକେଟ ନେଇଥିଲେ ଜବାବରେ ଦକ୍ଷିଣ ଆଫ୍ରିକା ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୯ ଉଇକେଟ ହରାଇ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ଲାଗି ରିୟାନ ରିକଲଟନ ସର୍ବାଧିକ ୭୧ (୭ ଚୌକା ଓ ୧ ଛକା) ଓ ଟ୍ରିଷ୍ଟାନ ଷ୍ଟବ୍ସ ୩୭ (୫ ଚୌକା) ରନ କରିଥିଲେ ଅଷ୍ଟ୍ରେଲିଅ। ପାଇଁ ଜୋଶ ହାଜେଲଉଡ୍ ଓ ବେନ ଡ୍ୱାରଶୁଇସ ୩ ଲେଖାଏ ଉଇକେଟ ନେଇଥିବା ବେଳେ ଆଡାମ ଜାମ୍ପା ୨ଟି ଉଇକେଟ ନେବାରେ ସକ୍ଷମ ହୋଇଥିଲେ।

# ଦୁର୍ବ୍ୟବହାର ଅଭିଯୋଗ ଆଣିଲେ ଲଭ୍‌ଲିନା

ମୁମ୍ବାଇ,୧୦।୭: ଟୋକିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜୟିନୀ ଲଭ୍‌ଲିନା ବଡ଼ଗୋହାଁଇ ଭାରତୀୟ ବକ୍ସିଂ ମହାସଂଘର କାର୍ଯ୍ୟକାରୀ ନିର୍ଦ୍ଦେଶକ କର୍ଣ୍ଣେଲ ଅରୁଣ ମଲ୍ଲିକଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଛନ୍ତି। ଜୁଲାଇ ୮ରେ ହୋଇଥିବା ଏକ ଜୁମ୍ ମିଟିଂ ଅବସରରେ ଶ୍ରୀ ମଲ୍ଲିକ ତାଙ୍କୁ ସମସ୍ତଙ୍କ ସାମ୍ନାରେ ଲଜ୍ଜିତ କରିବା ସହ ଆଦେ ପାଟି ନକରି ଚୁପ୍ ରହିବାକୁ ଚଡ଼ା ଗଳାରେ ତାଗିଦ କରିବା ସହ ମୁଣ୍ଡ ତଳକୁ କରି ଅମେ ଯାହା କରୁଛୁ, ତାକୁ ମାନିବାକୁ କହିଥିଲେ ବୋଲି ଲଭ୍‌ଲିନା ଏକ ଅଭିଯୋଗପତ୍ରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ଭାରତୀୟ କ୍ରୀଡ଼ା ପ୍ରାଧିକରଣର ମହାନିର୍ଦ୍ଦେଶକ, ଭାରତୀୟ ଅଲିମ୍ପିକ୍ସ ସଂଘକୁ ଜଣାଇଛନ୍ତି। ବ୍ୟକ୍ତିଗତ ପ୍ରଶିକ୍ଷକଙ୍କୁ ଜାତୀୟ ପ୍ରଶିକ୍ଷଣ ଶିବିରରେ ସାମିଲ ହେବାର ସୁଯୋଗ ଦେବା ଲାଗି ଅନୁରୋଧ କରି ପରେ ଶ୍ରୀ ମଲ୍ଲିକ ଏଭଳି ଅଶାଳୀନ ବ୍ୟବହାର କରିଥିଲେ ବୋଲି ଲଭ୍‌ଲିନା ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇବା ପରେ ସାଇ ପକ୍ଷରୁ ଏହାର ଅନୁଷ୍ଠାନିକ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# କରଡାପଲ୍ଲି ଫୁଟବଲ ଚାମ୍ପିୟନ ଓ ପଙ୍କାଳ ଭଲିବଲ ଚାମ୍ପିୟନ



ତିଗିରିଆ/କଟକ,୧୦।୮(ମହାଭାରତ): ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ଗ୍ରାମରେ ଚାଲୁ ରହିଛି, ଦୁଇ ଦିବସୀୟ ଜିଲ୍ଲା ସ୍ତରୀୟ ଯୁବ ସଂଗଠନ ମଜଲିସ ଖୁଦ୍ଦାମୁଲ ଅହମଦୀୟାର ବାର୍ଷିକ ଇଜତେମା ଏହି ଇଜତେମାରେ ଧାର୍ମିକ ଓ କ୍ରୀଡାଗତ ପ୍ରତିଯୋଗିତା ଚାଲିଛି।

ସକାଳ କାର୍ଯ୍ୟକ୍ରମ ଅନୁଯାଇ ମାରାଥନ ଦୌଡ, ୧୦୦ ମିଟର ଦୌଡ, ଲମ୍ବ ଡିଆଁ, ଦୌଡିଟଣା, ଫୁଟବଲ ଓ ଭଲିବଲ ଖେଳ ହୋଇଥିଲା ବ୍ୟକ୍ତିଗତ ଖେଳ ମାରାଥନ ଦୌଡରେ ପ୍ରଥମ ସ୍ଥାନ ଗୁଣ୍ଡିଚାପଡା ଗ୍ରାମର ହମିଦ ଅହମଦ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନ କରଡାପଲ୍ଲି ଗ୍ରାମର ଜମାଲ ଖାନ୍ ଏବଂ ତୃତୀୟ ସ୍ଥାନ ପଙ୍କାଳ ଗ୍ରାମର ଜାଫର ଅହମଦ ଓସିମ ହୋଇଥିଲେ। ୧୦୦ ମିଟର ଦୌଡରେ ପ୍ରଥମ ସ୍ଥାନ ଗୁଣ୍ଡିଚାପଡା ଗ୍ରାମର ସେକ ଅତାଉଲ ଇସଲାମ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନ ପଙ୍କାଳ ଗ୍ରାମର ସାଜିଦ ଖାନ୍ ଏବଂ ତୃତୀୟ ସ୍ଥାନ କରଡାପଲ୍ଲି ଗ୍ରାମର ସାହିଲ ଖାନ୍ ହୋଇଥିଲେ। ଲମ୍ବଡିଆଁରେ ପ୍ରଥମ ସ୍ଥାନ ପଙ୍କାଳ ଗ୍ରାମର ରମଜାନ ଖାନ୍ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନ ଗୁଣ୍ଡିଚାପଡା ଗ୍ରାମର ହମିଦ ଅହମଦ ଏବଂ ତୃତୀୟ ସ୍ଥାନ ମୁକ୍ତାଦେଇପୁର ଗ୍ରାମର ଫରିଦ ଖାନ୍ ଅଧିକାର କରିଥିଲେ। ସେହିଭଳି ଦଳଗତ ଖେଳ ମଧ୍ୟରେ ଦୌଡିଟଣା ଖେଳରେ ଛଅଗୋଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ପଙ୍କାଳ ଓ କରଡାପଲ୍ଲି ଦଳ ମଧ୍ୟରେ ହୋଇଥିଲା। ଏଥିରେ କରଡାପଲ୍ଲି ଦଳ ୨-୧ରେ ବିଜୟୀ ହୋଇ ଦୌଡିଟଣାରେ ଚାମ୍ପିୟନ ହୋଇଥିଲା। ସେହିଭଳି ଭଲିବଲରେ ଆଠଗୋଟି ଦଳ ଭାଗ ନେଇଥିଲେ। ଶେଷ ଫାଇନାଲ ପଙ୍କାଳ ଓ ଧୂଆଁସାହି(ସୁଙ୍ଗୁଡା) ଗ୍ରାମ ମଧ୍ୟରେ ହୋଇଥିଲା। ଏଥିରେ ପଙ୍କାଳ ଦଳ ୨୪-୨୧, ୨୩-୨୪ ଏବଂ ୨୪-୨୦ରେ ବିଜୟ ହାସଲ କରି ଭଲିବଲ ଚାମ୍ପିୟନ ହୋଇଛି। ସେହିଭଳି ଫୁଟବଲ ଖେଳରେ ସାତଗୋଟି ଦଳ ୧. ପଙ୍କାଳ ୨.ଗୁଣ୍ଡିଚାପଡା ୩. ତାଳବରକୋଟ ୪. କୋଟପଲ୍ଲୀ ୫. କରଡାପଲ୍ଲି ୬. ମୁକ୍ତାଦେଇପୁର ଏବଂ ୭. ରେଷ୍ଟ ଅଫ୍ କଟକ ଭାଗ ନେଇଥିଲେ। ଏହି ଖେଳରେ ଗୁଣ୍ଡିଚାପଡା ଏବଂ କରଡାପଲ୍ଲି ଦଳ ଫାଇନାଲକୁ ଉତ୍ତିର୍ଣ୍ଣ ହୋଇଥିଲେ। ଫାଇନାଲ ଖେଳ ଖୁବ ସଂଘର୍ଷ ପୂର୍ଣ୍ଣ ହୋଇଥିଲା। ଖେଳର ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗରେ କେହି କାହାକୁ ଗୋଲ ମାରିପାରି ନଥିଲେ। ପରିଶେଷରେ ଲେଫେରି ଟ୍ରାଇବ୍ରେକରର ସହାଯ୍ୟ ନେଇଥିଲେ ଟ୍ରାଇବେକର ୫-୪ ଗୋଲରେ କରଡାପଲ୍ଲି ଦଳ ବିଜୟ ହୋଇ ଫୁଟବଲ ଚାମ୍ପିୟନ ହୋଇଥିଲେ। କ୍ରୀଡାଗତ ସମସ୍ତ ଖେଳକୁ ଇସମାଇଲ ଖାନ, ଲୋକମାନ ଖାନ, ମହମୁଦ ଖାନ, ବେଶାରତ ଖାନ, ସଲାତ ଖାନ, ମହମ୍ମଦ ସୋଲେମାନ ଏବଂ କମାଲୁଦ୍ଦିନ ଖାନ ପରିଚାଳନା କରିଥିଲେ।

# ଜିମ୍ବାୱେର ଲଜ୍ଜାଜନକ ପରାଜୟ

ବୁଲାୱେ,୧୦।୮: ସ୍ଥାନୀୟ କୁଇନ୍ସ ସ୍ପୋଟର୍ସ କ୍ଲବଠାରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଏକ ଇନିଂସ ଓ ୩୫୯ ରନରେ ଜିମ୍ବାୱେକୁ ପରାସ୍ତ କରିଛି ଦଳ। ଏଥିସହ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ୨-୦ରେ ଜିତିନେଇଛି କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡର ଏହା ହେଉଛି ସବୁଠାରୁ ବଡ଼ ବିଜୟ।

ପ୍ରଥମ ଇନିଂସରେ ୪୭୬ ରନରେ ପଛୁଆଥିବା ଜିମ୍ବାୱେ ତୃତୀୟ ଦିବସ ଖେଳରେ ନ୍ୟୁଜିଲାଣ୍ଡ ପେସ୍ ବୋଲିଂ ଆକ୍ରମଣର ଉଚିତ ମୁକାବିଲା କରି ନ ପାରି ଏହାର ଦ୍ୱିତୀୟ ଇନିଂସରେ ମାତ୍ର ୧୧୭ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନିକ୍ ୱେଲଚ ସର୍ବାଧିକ ୪୭ ରନ୍ ଓ ଏର୍ୱିନ ୧୭ ରନ୍ କରିଥିଲେ। ଏମାନଙ୍କୁ ଛାଡିଦେଲେ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରିନଥିଲେ। ପ୍ରଥମ ଇନିଂସରେ ୪ ଉଇକେଟ ସଫଳତା ହାସଲ କରିଥିବା ନବାଗତ ଫାଷ୍ଟ ବୋଲର ଜାକାରି ଫୋଲକ୍ସ ଦ୍ୱିତୀୟ ଇନିଂସରେ ୩୭ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ସ୍ମରଣୀୟ ଟେଷ୍ଟ ପଦାର୍ପଣରେ ସେ ଅଳ୍ପକେ ୧୦ ଉଇକେଟ ସଫଳତାରୁ ବଞ୍ଚିତ ହୋଇଥିଲେ।। ଫାଷ୍ଟ ବୋଲର ମ୍ୟାଟ ହେନ୍‌ରୀ (୨/୧୬), ଜାକବ ଡୁଫି (୨/୨୮) ଓ ମାଥ୍ୟୁ ଫିଶର (୧/୨୨) ମଧ୍ୟ ଉଇକେଟ ସଫଳତା ପାଇଥିଲେ। ଜିମ୍ବାୱେ ୨୮.୧ ଓଭରରେ ଅଲଆଉଟ ହୋଇଯାଇଥିଲା। ସିରିଜରେ ଏହା ଥିଲା ଦଳର ସର୍ବନିମ୍ନ ସ୍କୋର।

ଜିମ୍ବାୱେ ଟିମ୍ ନ୍ୟୁଜିଲାଣ୍ଡ ବିପକ୍ଷ ଚାରୋଟି ଇନିଂସରେ କ୍ରମଶଃ ୧୪୯,୧୬୫, ୧୨୫ ଓ ୧୧୭ ରନ୍ ସ୍କୋରରେ ଆଉଟ ହୋଇଯାଇଥିଲା। ଏହି ସ୍କୋର ଦେଖି ଜଣାପଡୁଛି ଯେ, ଜିମ୍ବାୱେ ଟିମ୍‌ର କେଣସି ବି ବ୍ୟାଟର ଶତକ କରିପାରିନଥିଲେ। ଆଶ୍ଚର୍ଯ୍ୟର କଥା ହେଲା ଏହି ସିରିଜ ବେଳେ କେଣସି ବ୍ୟାଟର ୫୦ ରନ୍ କରିପାରିନଥିଲେ।

ଏଏନ୍‌ଆଇର ରିପୋର୍ଟ ଅନୁସାରେ, ଟେଷ୍ଟ କ୍ରିକେଟ ଇତିହାସରେ ଏହା କେବଳ ଷଷ୍ଠ ଥର, ଯେତେବେଳେ କି ଅତି କମ୍‌ରେ ଦୁଇଟି ମ୍ୟାଚ୍‌ରେ ଟେଷ୍ଟ ସିରିଜରେ କୌଣସି ଟିମ୍‌ର କେହି ବ୍ୟାଟର ୫୦ ରନ୍‌ର ଟାର୍ଗେଟ ଛୁଇଁ ପାରିନଥିଲେ। ଶେଷଥର ଏଭଳି ହୋଇଛି ଯେତେବେଳେ ୧୮୯୫-୯୬ ସିଜିନ୍‌ରେ ହୋଇଥିଲା। ଯେତେବେଳେ ସାଉଥ୍ ଆଫ୍ରିକାର ବାର୍ବରଟନ୍ ହଲିଭେଲ ୪୧ ରନ୍‌ରେ ଇଂଲଣ୍ଡ ବିରୋଧରେ ତିନୋଟି ମ୍ୟାଚ୍‌ର ଘରୋଇ ସିରିଜରେ ସବୁଠାରୁ ବଡ ଇନିଂସ ଖେଳୁଥିବା ବ୍ୟାଟର ଥିଲେ।

# ବିରାଟ-ରୋହିତଙ୍କ ଆଗରେ କଠିନ ସର୍ତ୍ତ

ନୂଆଦିଲ୍ଲୀ,୧୦।୮(ମହାଭାରତ): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ନିଷ୍ପତ୍ତି ନେଇଛି ଯେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ୨୦୨୭ ଦିନକିଆ ବିଶ୍ୱକପ ଖେଳିବାକୁ ଅନୁମତି ଦିଆଯିବ ନାହିଁ। ଅତି କମରେ ବିସିସିଆଇର ବର୍ତ୍ତମାନର କାର୍ଯ୍ୟକଳାପ ଏହି ଦିଗକୁ ଇଙ୍ଗିତ କରୁଛି ଗତ ଦେଢ଼ ଦଶନ୍ଧି ଧରି ଟିମ ଇଣ୍ଡିଆର ଦାୟିତ୍ୱ ତୁଲାଇ ଆସୁଥିବା ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ବିଦାୟ ନିଶ୍ଚିତ ବୋଲି ବିବେଚନା କରାଯାଉଛି।

ଦୁବାଇରେ ଅନୁଷ୍ଠିତ ଦିନିକିଆ ଚାମ୍ପିଅନ୍ସ ଟ୍ରଫି ଜିତିବାରେ ରୋହିତ ଏବଂ ବିରାଟ ଉଭୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ସେବେଠାରୁ ଭାରତ କୌଣସି ଦିନକିଆ ସିରିଜ ଖେଳିନାହିଁ। ଏକ ରିପୋର୍ଟ ଅନୁଯାୟୀ, ବିସିସିଆଇର ଏକ ସୂତ୍ର କହିଛି ଯେ ଯଦି ଉଭୟ କ୍ଷେତ୍ରରୁ ନିଜର ଅନ୍ତର୍ଜାତୀୟ କ୍ୟାରିଅର ଶେଷ କରିବାକୁ ଚାହାଁନ୍ତି, ତେବେ ଏହା ଏକ ସୁବର୍ଣ୍ଣ ସୁଯୋଗ ହେବ ରୋ-କୋ ନାମରେ ପ୍ରସିଦ୍ଧ ଏହି ଯୋଡ଼ି ଟେଷ୍ଟ ଏବଂ ଟି୨୦ ଫର୍ମାଟରେ ମଧ୍ୟ ଶେଷ ମ୍ୟାଚ ଖେଳିଥିଲେ। ସୂତ୍ର ଅନୁସାରେ, ଯଦି ରୋହିତ-ବିରାଟଙ୍କୁ ଅଷ୍ଟ୍ରେଲିଆ ଗସ୍ତ ପରେ ମଧ୍ୟ ଖେଳିବାକୁ ପଡ଼େ, ତେବେ ସେମାନଙ୍କୁ ଡିସେମ୍ବରରୁ ଦିନିକିଆ ଫର୍ମାଟରେ ଅନୁଷ୍ଠିତ ହେବାକୁ ଥିବା ଘରୋଇ ସିରିଜ ବିଜୟ ହଜାରେ ଟ୍ରଫିରେ ନିଜ ରାଜ୍ୟ ପାଇଁ ଖେଳିବାକୁ ପଡିବ। ବିସିସିଆଇର କଠୋରତା ଏବଂ ନୂତନ ନିୟମ ଯୋଗୁ, ଉଭୟଙ୍କୁ ଗତ ସିଜିନରେ ରଣଜୀ ଟ୍ରଫି ମ୍ୟାଚ ଖେଳିବାକୁ ପଡିଥିଲା ସମ୍ଭବତଃ ଏହି କଠିନ ସର୍ତ୍ତ ଯୋଗୁ, ରୋହିତ ଏବଂ ବିରାଟ ପୂର୍ବରୁ ଘୋଷଣା କରିପାରନ୍ତି ଯେ ଅଷ୍ଟ୍ରେଲିଆରେ ଏହା ସେମାନଙ୍କର ଶେଷ ଦିନିକିଆ ସିରିଜ ହେବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ